ଧରିତ୍ରୀ
DHARITRI
January 10-16, 2021 ₹ 2/-

# ଛୁଟିଦିନ





## ଲୋକକଳା କଥା

ଦିନେ ଅବସର ବିନୋଦନର ମୁଖ୍ୟ ମାଧ୍ୟମ ଥିବା ଲୋକକଳାରୁ ଏବେ ଅନେକ ବିଲୁପ୍ତପ୍ରାୟ ହେବାକୁ ବସିଥିବାବେଳେ, ତା'ର ପୁନରୁଦ୍ଧାର ପାଇଁ ସରକାରଙ୍କଠାରୁ ଆରମ୍ଭକରି ବିଭିନ୍ନ ସଂଗଠନ ଅଣ୍ଟା ଭିଡିଛନ୍ତି...

୩
ପ୍ରଚ୍ଛଦ ପ୍ରସଙ୍ଗ



ନିଆରା ପ୍ରଜାପତି
୧୧




୮/୯
ସିନେମା

# ପକେଟରେ ରଖିଲେ ଶୁଭ

**ବାସ୍ତୁ ଅନୁସାରେ ବହୁତ ଜିନିଷ ଆମ ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇ ଥାଏ। ସେଥିପାଇଁ ଜାଣନ୍ତୁ କେଉଁ ଜିନିଷ ସବୁ ପକେଟରେ ରଖିଲେ ଏହା ଆପଣଙ୍କୁ ଶୁଭ ଫଳ ପ୍ରଦାନ କରିଥାଏ...**

➤ଗୋମତି ଚକ୍ର ସୁଖ, ସ୍ୱାସ୍ଥ୍ୟ, ସମୃଦ୍ଧି ବୃଦ୍ଧିରେ ସାହାଯ୍ୟ କରିଥାଏ। ଏହା ଲକ୍ଷ୍ମୀଙ୍କ ପୂଜାରେ ବ୍ୟବହାର ହେବା ସହିତ ଜାତକରେ ଥିବା ନାଗଦୋଷ, ବାୟୁଦୋଷ, ସର୍ପଦୋଷ ଦୂର ପାଇଁ ମଧ୍ୟ ମୁଦି



କରି ଧାରଣ କରାଯାଇଥାଏ। ଯଦି କୌଣସି ଇଣ୍ଟରଭ୍ୟୁ ପାଇଁ ଯାଉଛନ୍ତି ତେବେ ପକେଟରେ ୩ଟି ଗୋମତି ଚକ୍ର ରଖନ୍ତୁ, ଏହା ଦ୍ୱାରା ନିଶ୍ଚିତ ଶୁଭ ଖବର ମିଳିବ।

➤ ପିତ୍ତଳ ଓ ରୁପା ଜିନିଷ ବା ପଇସା ପକେଟରେ ରଖିଲେ ଏହା ଶୁଭ ଅଟେ। ଏହା ଧନ ଓ ବିଭବ ବୃଦ୍ଧିକୁ ସୂଚାଇଥାଏ।

➤ହିନ୍ଦୁ ଧର୍ମରେ ଅଶ୍ୱତ୍ଥ ବୃକ୍ଷକୁ ବୃକ୍ଷଦେବତା ରୂପେ ପୂଜା କରାଯାଇଥାଏ। ତେଣୁ ବାସ୍ତୁ ଅନୁସାରେ ଯଦି ପକେଟରେ ଅଶ୍ୱତ୍ଥ ଗଛର ପତ୍ର ରଖିବେ ତେବେ ଏହା ଉତ୍ତମ ସ୍ୱାସ୍ଥ୍ୟ ଓ ସୁଖ, ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରିଥାଏ।

➤ଧନଦେବୀ ହେଉଛନ୍ତି ମହାଲକ୍ଷ୍ମୀ। ବିଶ୍ୱାସ ରହିଛି ଯେ, ମା' ଲକ୍ଷ୍ମୀଙ୍କ ଚିତ୍ର ବା ଫଟୋ, ନିର୍ଦ୍ଦିଷ୍ଟ ଭାବେ ଦୁଇ ଧଳା ହାତୀ ଓ ପଦ୍ମ ଉପରେ ବସିଥିବା ଭଙ୍ଗୀର ମା' ଲକ୍ଷ୍ମୀଙ୍କ ଫଟୋ ପକେଟ ବା ପର୍ସରେ ରଖିଲେ ଧନ ଓ ସମ୍ପଦ ବୃଦ୍ଧି ହୋଇଥାଏ।

➤ଶାମୁକା ବା କଉଡିରେ ବିଭିନ୍ନ ପ୍ରକାର ସକାରାତ୍ମକ ଶକ୍ତି ରହିଛି। ସେଥିପାଇଁ ଏହା ବହୁତ ଶୁଭ ଅଟେ ଓ ଏହାକୁ ପକେଟରେ ରଖିଲେ ଏହା ନକାରାତ୍ମକ ଶକ୍ତି, ଦୁଃଖ, ମାନସିକ ଉତ୍ତେଜନା ଆଦି ଦୂର କରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୦-୧୬

**ମେଷ**: ସ୍ୱାସ୍ଥ୍ୟ ଭଲ ରହିବ, ଆର୍ଥିକ ଅନଟନ ଦୂରହେବ, ଯାନବାହନ କିଣିପାରନ୍ତି, ଶତ୍ରୁତାର ଚିନ୍ତା ବଢ଼ିବ, ବନ୍ଧୁଙ୍କ ସହାନୁଭୂତି ପାଇବେ, ପ୍ରଶାସନିକ ଚାପ କମିବ, ପଦସ୍ଥ ବ୍ୟକ୍ତି ସାହାଯ୍ୟ କରିବେ, ସମ୍ମାନ, ପ୍ରଶଂସା ମିଳିବ, କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଆସିବ।

**ବୃଷ**: ଅର୍ଥପ୍ରାପ୍ତି ଅବଶ୍ୟମ୍ଭାବୀ, ଆଇନ ଅଦାଲତରେ ଡିଗ୍ରୀ ଲାଭ, ଆତ୍ମସମ୍ମାନରେ ବାଧାର ଆଶଙ୍କା, ପରିବହନରେ ଉନ୍ନତି, ମିଥ୍ୟାଭିଯୋଗରୁ ଦୁଶ୍ଚିନ୍ତା, ମାନସିକ ଭାରସାମ୍ୟ ରହିବନି।

**ମିଥୁନ**: ମାନସିକ ଚାପ ବୃଦ୍ଧି, କାମ ଶୃଙ୍ଖଳିତ ହେବନାହିଁ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ବନ୍ଧୁଙ୍କୁ ସନ୍ଦେହ କରିବେ, ସଭା ସମିତିକୁ ନିମନ୍ତ୍ରିତ ହେବେ, ମକଦ୍ଦମାରେ ବାଇଦା ପଡ଼ିବ, ସନ୍ତାନଙ୍କ ବିଶୃଙ୍ଖଳାରୁ ଚିନ୍ତା।

**କର୍କଟ**: ନୂଆ ଯୋଜନା କରିବେ, ସହଯୋଗ ମିଳିବ, ପଡୋଶୀଙ୍କ ଈର୍ଷା ବଢ଼ିବ, ଗୁରୁଦାୟିତ୍ୱ ନେଇପାରନ୍ତି, ବାକ୍ ଅସଂଯମତାରୁ କଳହ, ବ୍ୟବସାୟ ସଙ୍କୁଚିତ ହେବ, କଳା ସାହିତ୍ୟରୁ ପ୍ରଶଂସା, ନୂତନ କର୍ମନିଯୁକ୍ତି ପାଇବେ।

**ସିଂହ**: ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବ, ଅଭାବ ଲାଗିରହିବ, ପାରିବାରିକ ଜୀବନରେ ଅଶାନ୍ତି, ଶେୟାର ବଜାରରେ ଉନ୍ନତି, ନିର୍ମାଣରେ କଳହ, ମକଦ୍ଦମାରେ ବିଜୟ, ପିଲାଙ୍କ ବୈବାହିକ ସମସ୍ୟାରୁ ମନସ୍ତାପ।

**କନ୍ୟା**: ପାରିବାରିକ ଶାନ୍ତି ଫେରିବ, ପ୍ରଶାସନିକ ଚାପ ବଢ଼ିବ, ଆଇନ ସହାୟତା ପାଇବେ, ପ୍ରକାଶନରେ ବିଳମ୍ବ, ସଭା ସମିତିରେ ପ୍ରଶଂସା, ସାହିତ୍ୟ କୃତିରୁ ସମ୍ବର୍ଦ୍ଧନା, ଅପ୍ରିୟ ସତ୍ୟ ଭାଷଣରୁ କଳହ, ପରିବହନରେ ଝଗଡ଼ା।

**ତୁଳା**: ସମସ୍ୟା ସମାଧାନ ହେବ, ବନ୍ଧୁଙ୍କ ସମର୍ଥନ ପାଇବେ, ସହକର୍ମୀଙ୍କ ବିରୋଧ, ଯାନ୍ତ୍ରିକ ତ୍ରୁଟିରୁ ସମସ୍ୟା, ଗୁରୁତ୍ୱପୂର୍ଣ୍ଣ କର୍ମ ସମ୍ପାଦନ, ଯୋଜନାରେ ଲକ୍ଷ୍ୟ ପୂରଣ, ପଡୋଶୀଙ୍କ ଉପରେ ନିର୍ଭର, ମନୋରଞ୍ଜନର ମଉକା।

**ବିଛା**: ଅପରିଣାମ ଦର୍ଶିତାରୁ କଳହ, ବନ୍ଧୁଙ୍କ ଶ୍ଳେଷାର୍ଥପୂର୍ଣ୍ଣ କଥାରୁ ମନସ୍ତାପ, ପରିବାରରେ ଅନାଦରଭାବ, ନୂତନ ଯୋଜନାରମ୍ଭ, ଆଲୋଚନା ଦ୍ୱାରା ସଫଳତା, ଆର୍ଥିକସ୍ଥିତି ବଦଳିବ, ଆତ୍ମୀୟଙ୍କ ପ୍ରଶଂସା।

**ଧନୁ**: ଯୁକ୍ତିଯୁକ୍ତ କଥାରୁ ପ୍ରଶଂସା, ସହାନୁଭୂତିପୂର୍ଣ୍ଣ ବ୍ୟବହାରରୁ ସହାନୁଭୂତି, ବନ୍ଧୁ ସମ୍ପର୍କହାନି, ଶାରୀରିକ ଅସୁସ୍ଥି, ଭାବପ୍ରବଣତାରୁ ମତିଭ୍ରମ, ସାମାଜିକ କାର୍ଯ୍ୟରେ ସହଯୋଗ, ସାଂଗଠନିକ କ୍ଷେତ୍ରରେ ସଫଳତା।

**ମକର**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମାଙ୍ଗଳିକ କାର୍ଯ୍ୟର ଆୟୋଜନ, ନିଷ୍ପତ୍ତିର ପରିବର୍ତ୍ତନ, ନୀରବଦ୍ରଷ୍ଟା ସାଜିବେ, ସଭାସମିତିକୁ ନିମନ୍ତ୍ରଣ, ଗୃହସୀମା ବିବାଦ, ପ୍ରତିବେଶୀଙ୍କ ଦୌରାତ୍ମ୍ୟ, ସନ୍ତୋଷଜନକ ବ୍ୟବସାୟ।

**କୁମ୍ଭ**: ଚାପମୁକ୍ତ ହେବେ, ସରକାରୀ ସାହାଯ୍ୟପ୍ରାପ୍ତି, ସ୍ଥଗିତ କାମର ପୁନରାରମ୍ଭ, ଆର୍ଥିକ ପ୍ରଗତିରୁ ଆନନ୍ଦ, ଜମିଜମା କ୍ରୟବିକ୍ରୟ, ବ୍ୟବସାୟିକ ଉତ୍କର୍ଷ, ଶିକ୍ଷା ପରୀକ୍ଷାରେ ସଫଳତା, ସନ୍ତାନଙ୍କ ବିଶୃଙ୍ଖଳା, ବିବାଦୀୟ ଘଟଣାରେ ଜଟିଳତା।

**ମୀନ**: ଉନ୍ନତ ଚିନ୍ତାରୁ ପ୍ରଶଂସା, ପରିବାରର ସହମତି, ଅମୀମାଂସିତ ଆଲୋଚନା, ଦୂରଯାତ୍ରାରେ ପ୍ରତିବନ୍ଧକ, ଋଣ ପରିଶୋଧ କରିବେ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବାକି ଟଙ୍କା ମିଳିବ, ସୁଯୋଗ ହାତଛଡ଼ା ହୋଇଯିବ, ସହକର୍ମୀଙ୍କ ସ୍ୱାର୍ଥପରତା।

# ସବୁଠୁ ହାଲୁକା ବସ୍ତୁ

**ହା**ଲୁକା ବସ୍ତୁ ବିଷୟରେ ଚିନ୍ତା କଲେ ଆମ ମନକୁ ସ୍ପଞ୍ଜ, ସୋଲ, ଫୁଲ ପାଖୁଡା, ପତ୍ର, ନଡା ଓ ଘାସ ଆଦି ଅନେକ ଜିନିଷ ଆସିବ। କିନ୍ତୁ ଏହାବାଦ୍ ବି ପୃଥିବୀରେ ଏମିତି କିଛି ହାଲୁକା ବସ୍ତୁ ଅଛି ; ଯାହା ଅନେକଙ୍କୁ ଅଗୋଚର। ତାହା ହେଉଛି ଗ୍ରାଫିନ୍ ଏରୋଜେଲ୍ ନାମକ ଏକ ବସ୍ତୁ। ଏହା ଏକ କୃତ୍ରିମ ବସ୍ତୁ। ଏହାକୁ ଚାଇନାର ଜେଜିଆଙ୍ଗ ବିଶ୍ୱବିଦ୍ୟାଳୟରେ ତିଆରି କରାଯାଇଥିଲା। ଏହା ପବନ ଠାରୁ ୭.୫ଗୁଣ ହାଲୁକା। ଏହା ଏତେ ହାଲୁକା ଯେ ଏହାର ଓଜନକୁ ଗୋଟିଏ ଘାସ ପତ୍ର ସହ ତୁଳନା କଲେ ବି କମ୍ ହେବ। ଏହାକୁ ଫୁଲ ଉପରେ ରଖିଲେ ଫୁଲର ପାଖୁଡାକୁ ବି ଚେପା କରିବ ନାହିଁ।



## ପାଠକୀୟ

➤ପରିବେଶ ପରିସ୍ଥିତି ଏବେ ମଣିଷଙ୍କୁ ବଦଳେଇ ଦେଇଛି। ମଣିଷ ଭିତରେ ଆସିଛି ପରିବର୍ତ୍ତନ, ଯାହାକୁ ନିହାତି ଭାବରେ ସକାରାତ୍ମକ କୁହାଯାଇପାରେ। କାରଣ ଗଛ କାଟୁଥିବା ମଣିଷ ଏବେ ଶୁଦ୍ଧ ବାୟୁଟିକେ ପାଇବା ପାଇଁ ପୁଣିଥରେ ଆରମ୍ଭ କରିଛି ଗଛ ଲଗାଇବା। ତେବେ ମାଳମାଳ ଘର କରିବା ପରେ ଏବେ କିନ୍ତୁ ଗଛଟିଏ ପାଇଁ ଜାଗାର ଅଭାବ, ଯେଉଁଥିପାଇଁ ଘର ଭିତରେ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢ଼ିଚାଲିଛି। ତେଣୁ ଏପରି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବଦଳୁଛି ସମୟ ବଢ଼ୁଛି ଇଣ୍ଡୋରପ୍ଲାଣ୍ଟ'ଟି ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। ବାସ୍ତୁ ଅନୁଯାୟୀ ଘର କେମିତି ସଜାଇବେ ତାହା ବି ଏଥରର ଛୁଟିଦିନରୁ ଜାଣିହେଲା।

*–ଅଶୋକ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ–୨*

➤ପରିବର୍ତ୍ତିତ ସମୟ ସହ ତାଳଦେଇ ଜୀବନଶୈଳୀରେ କେମିତି ପରିବର୍ତ୍ତନ ଆସିଛି, ତାହାର ଏକ ନିଚ୍ଛକ ଉଦାହରଣ ହେଉଛି ବଢ଼ୁଥିବା ଇଣ୍ଡୋରପ୍ଲାଣ୍ଟର ଟ୍ରେଣ୍ଡ। ତେଣୁ ଏପରି ଏକ ଦରକାରୀ ବିଷୟକୁ ନେଇ ପ୍ରସ୍ତୁତ ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ବଦଳୁଛି ସମୟ ବଢ଼ୁଛି ଇଣ୍ଡୋରପ୍ଲାଣ୍ଟ' ଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। ତାମିଲନାଡୁର ପାମବାନ ଦ୍ୱୀପ ନିକଟରେ 'ଭାରତର ଶେଷ ରାସ୍ତା' ଥିବା କଥା ଜାଣି ଆଶ୍ଚର୍ଯ୍ୟ ଲାଗିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ନ୍ୟୁ ଇୟର୍ ଅଫିସ୍ ପାର୍ଟି ଲୁକ୍' ସମ୍ପର୍କରେ ଅନେକ କିଛି ଜାଣିହେଲା।

*–ତପନ କୁମାର ଦାଶ, ବାଙ୍କି, କଟକ*

➤ଏଥରର ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ଖାସ୍ କରି ଏଥିରେ ସ୍ଥାନିତ କରୀନାଙ୍କ ଫଟୋଟି ଖୁବ୍ ସୁନ୍ଦର ଲାଗୁଥିଲା। ସେହିପରି ସୃଜନ ପୃଷ୍ଠାରେ ନୂଆବର୍ଷକୁ ନେଇ ସ୍ଥାନିତ ସମସ୍ତ ଗପ ଓ କବିତାଗୁଡ଼ିକ ବି ମନଛୁଆଁ ହୋଇପାରିଥିଲା। ବିଶେଷକରି ନୂଆବର୍ଷକୁ ନେଇ ପ୍ରସ୍ତୁତ ଛୁଟିଦିନର ସ୍ୱତନ୍ତ୍ର କ୍ୟାଲେଣ୍ଡର ପୃଷ୍ଠାଟି ମଧ୍ୟ ଖୁବ୍ ମନଲୋଭା ହୋଇପାରିଥିଲା।

*–ସ୍ୱପ୍ନାମୟୀ ସାମନ୍ତରାୟ, ରବିଟକିଜ୍ ଛକ, ଭୁବନେଶ୍ୱର*

➤ଅଭିନେତ୍ରୀ ନମ୍ରତା ସିଂଦେଓଙ୍କର ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ମଧ୍ୟ ମନଛୁଆଁ ଲାଗୁଥିଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ ପଟଚିତ୍ରରେ ପଟୀୟସୀ ବବିତା ସାହୁଙ୍କ ସଫଳତାର କାର୍ତ୍ତି ବିଷୟରେ ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀଙ୍କର ସୁନ୍ଦର ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା।

*–ଶିବାନୀ ପଟ୍ଟନାୟକ, ନୟାଗଡ଼*



### ବିଶେଷ ଚିଠି

ଛୁଟିଦିନ ଆହେ ଛୁଟିଦିନ
ତୁମେ ଧରିତ୍ରୀର ଅବଦାନ
ସପ୍ତାହକୁ ଆସ ଗୋଟେଦିନ
ତୁମଯୋଗୁ ରବିବାର ଟା ହୁଅଇ
ଆମପାଇଁ ବଡ଼ ପୂର୍ଣ୍ଣ ଦିନ।।
ଛୁଟିଦିନ ଆହେ ଛୁଟିଦିନ
କଥା ଓ କବିତା ରଙ୍ଗିନ ଚିତ୍ରରେ
ମୋହିନିଅ ଆହେ କେତେ ମନ
ଯେତେ ସାପ୍ତାହିକ ପତ୍ର ପତ୍ରିକାରେ
ସବୁଠୁ ଉଚ୍ଚରେ ତୁମ ସ୍ଥାନ।।

*–ଉର୍ମିଳା ସିଂହ, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଲୋକକଳା କଥା





**କା**ହିଁ କେଉଁ କାଳରୁ ଲୋକକଳାର ସୃଷ୍ଟି।ବହୁ ଆଗରୁ ଅବସରବିନୋଦନର ମୁଖ୍ୟମାଧ୍ୟମଥିଲାଏହି ଲୋକକଳା। ଏହା ଗୋଷ୍ଠୀଗତ ଜୀବନରେ ଖୁବ୍ ପ୍ରଭାବ ପକାଇଥାଏ। ଲୋକଙ୍କ ଜୀବନର ନିଚ୍ଛକ ପ୍ରତିଛବିର ପ୍ରତିବିମ୍ବ ସୃଷ୍ଟିକରେ ଲୋକକଳା। ସାରା ବିଶ୍ୱରେ ଲୋକଗୀତ ଓ ଲୋକ ସଙ୍ଗୀତର ରହିଛି ସ୍ୱତନ୍ତ୍ର ପରିଚୟ। କିନ୍ତୁ ସମୟକ୍ରମେ ଲୋକନୃତ୍ୟ, ଲୋକଗୀତ, ଲୋକନାଟକ ଓ କେତେକ ପାରମ୍ପରିକ ଲୋକକଳାରେ କିଛି ପରିବର୍ତ୍ତନ ହୋଇଥିବାର ଦେଖିବାକୁ ମିଳେ। ଆଉ କେତେକ ଲୋକକଳା ଏବେ ବିଲୁପ୍ତପ୍ରାୟ। ତେବେ ଓଡ଼ିଶାର ଲୋକକଳାଗୁଡ଼ିକୁ ବିଚାର କଲେ ଜଣାପଡ଼େ ଯେ ସେ ସବୁର ନେପଥ୍ୟ ଉଦ୍ଦେଶ୍ୟ ସାମୂହିକ ଚିତ୍ତବିନୋଦନ, ଶାରୀରିକ ଓ ମାନସିକ ଶାନ୍ତି । ମାତ୍ର ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ଲୋକକଳାଗୁଡ଼ିକ ହେଲା– ଦାସକାଠିଆ, ପାଲା, ଦଣ୍ଡନୃତ୍ୟ, ନବରଙ୍ଗ, ବାଘନୃତ୍ୟ, ଘୋଡ଼ାନୃତ୍ୟ, ସଖୀନାଚ, କଣ୍ଢେଇ ନାଚ, ଢଣକୋଇଲା, ଘଟକଳସ, ପାଟୁଆନାଚ, ଝାମୁ, ଛଉ, ରାମନାଟକ, ସଂକୀର୍ତ୍ତନ, ଲୀଳା, ରାସ, ମୋଗଲତାମସା, ରାବଣଛାୟା, ସୁଆଙ୍ଗ, ଲଉଡ଼ିନାଚ, ସମ୍ବଲପୁରୀ, ଡାଲଖାଇ, ସଂଚାର, ରଣପା,ଧୁଡୁକି, ଘୁମୁରା, ଯୋଡ଼ିଶଙ୍ଖ, ଉଷାକୋଠି, ପ୍ରହଲ୍ଲାଦ ନାଟକ, ହରିକଥା, ଖଞ୍ଜଣିଭଜନ, କେନ୍ଦରାଗୀତ, ଗୋଟିପୁଅ,ଦୁଆରି,ଚକୁଳିଆ ପଣ୍ଡା, ଜାନୁଘଣ୍ଟିଆ, ପୁରୀର ସାହିଯାତ, ଏବଂ ବିଭିନ୍ନ ଆଦିବାସୀ ନୃତ୍ୟ ସମେତ ଆହୁରି ଏକାଧିକ ଲୋକକଳା ରହିଛି। ତେବେ ଦିନଥିଲା ରାଜାରାଜୁଡ଼ା ସମୟରେ ଲୋକନୃତ୍ୟର ପୃଷ୍ଠପୋଷକତା ପାଇଁ ରାଜା ଓ ଜମିଦାରମାନେ ପ୍ରୋତ୍ସାହନ ଯୋଗାଉଥିଲେ। ତେବେ କେତେଗୁଡ଼ିଏ ବିଲୁପ୍ତ ପ୍ରାୟଲୋକକଳାକୁ ପ୍ରୋତ୍ସାହନ ଦେବାପାଇଁ ସରକାର ଅଣ୍ଟାଭିଡ଼ିଛନ୍ତି। ବିଭିନ୍ନ ମହୋତ୍ସବରେ ମଧ୍ୟ ପାରମ୍ପରୀକ ଲୋକକଳାର ପ୍ରଦର୍ଶନ କରାଯାଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଏଯାଏ ପ୍ରାୟ୪୭୧ଟି ଲୋକକଳାସୂଚିତ କରାଯାଇଛି। ଏସବୁ ମଧ୍ୟରୁ କେତୋଟି ଲୋକକଳା ସମ୍ପର୍କରେ....

**ପ୍ରହଲ୍ଲାଦ ନାଟକ**–:ପ୍ରହଲ୍ଲାଦ ନାଟକ ଗଞ୍ଜାମ ଜିଲାରେ ବେଶ୍ ଆଦୃତ। ଏହି ନାଟକକୁ ରାଜା ନାଟକ କୁହନ୍ତି। ଏହି ନାଟକ ପ୍ରଥମେ ଜଳନ୍ତର ରାଜା ଶ୍ରୀରାମକୃଷ୍ଣ ଛୋଟରାୟଙ୍କ ପୃଷ୍ଠପୋଷକତାରେ ନିଜ ରାଜବାଟୀରେ ପରିବେଷଣ କରାଯାଉଥିଲା। ବିଷ୍ଣୁକେଶରୀ ପୁରାଣରୁ ପ୍ରହଲ୍ଲାଦ ନାଟକର ସୃଷ୍ଟି। ଦଳର ନାଟ୍ୟଗୁରୁ ସାଧାରଣତଃ ରାଜା ହିରଣ୍ୟକଶିପୁ ଭୂମିକାରେ ଅଭିନୟ କରିଥାନ୍ତି। ରାଜାଙ୍କ ବ୍ୟତୀତ ଦୁଇଜଣ ବାୟକ, ପାଞ୍ଚରୁ ଊର୍ଦ୍ଧ୍ୱ ସୂତ୍ରଧର, ଜଣେ ମୁଖ୍ୟ ବୀଣାବାଦକ ଏବଂ ବିଭିନ୍ନ ଭୂମିକାରେ ଅନ୍ୟାନ୍ୟ କଳାକାର ଥାଆନ୍ତି। ନାଟକର ପ୍ରାରମ୍ଭରେ ମଙ୍ଗଳାଚରଣ, ପରେ ଗଣେଶ ଏବଂ ସରସ୍ୱତୀଙ୍କ ବନ୍ଦନା, ପରେ ରାଜା ହିରଣ୍ୟକଶିପୁ ଆସନ୍ତି । ନାଟକର ଶେଷ ପର୍ଯ୍ୟାୟରେ ନୃସିଂହ ମହାପ୍ରଭୁଙ୍କ ଭେଟ ହୁଏ। ଏଥିରେ କାହାଳି ତୂରୀ, ଶଙ୍ଖ ଆଦି ବାଦ୍ୟଯନ୍ତ୍ର ବାଜିଥାଏ।

**ଦାସକାଠିଆ**–: ଓଡ଼ିଶାର ଏହା ଏକ ବିଦଗ୍ଧ କଳା। ଦାସକାଠିଆ ପ୍ରାୟ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳେ। ଏଥିରେ ଦୁଇଜଣ ଗାୟକ ଓ ପାଳିଆଙ୍କ ମଧ୍ୟରେ ଗାୟନ କରାଯାଇଥାଏ। ଦାସକାଠିଆର ବେଶବିନ୍ୟାସ ଗାୟକ ଓ ପାଳିଆ ମୁଣ୍ଡରେ ପଗଡ଼ି ବାନ୍ଧି ପାଦରେ ଘୁଙ୍ଘୁର ଓ ହାତରେ ଚାରଟି କାଠିକୁ ତାଳ ଅନୁସାରେ ବଜାଇ ଚଉପଦୀ ଆଦି ଗାୟନ କରିଥାନ୍ତି । ବିଭିନ୍ନ ପୁରାଣ ବିଷୟକୁ ନେଇ ମଞ୍ଚରେ ଦାସକାଠିଆ କଳାକାରମାନେ ମଞ୍ଚସ୍ଥ କରିଥାନ୍ତି। ରାମାୟଣ, ମହାଭାରତ ପରି କେତେକ ପୁରାଣବିଷୟ ଶୁଣିବାକୁ ମିଳିଥାଏ।

**ପାଲା**–: ପାଲା ଏକ ଆଧ୍ୟାତ୍ମିକ ଲୋକକଳା। ଏହାର ପରିବେଷଣ ଓଡ଼ିଶାର ପୁରପଲ୍ଲୀରେ ଦେଖିବାକୁ ମିଳେ। ବିଭିନ୍ନ ପୁରାଣ ଉପରେ ଲୋକସାହିତ୍ୟ କବି ମାନଙ୍କ ସାହିତ୍ୟକୃତିକୁ ନେଇ ବର୍ଣ୍ଣନା ହୋଇଥିବା ଘଟଣା ଉପରେ ଆଧାରିତ ହୋଇଥାଏ। ମାନସିକଧାରୀମାନେ ନିଜର ମନସ୍କାମନା ପୂରଣ ପାଇଁ ମଧ୍ୟ ପାଲା ପରିବେଷଣ କରିଥାନ୍ତି। ଏଥିରେ ଗାୟକ,ବାୟକ ସମେତ ୬ଜଣ ପାଳିଆ ଝାଞ୍ଜ ମୃଦଙ୍ଗ ବାଦ୍ୟର ତାଳେତାଳେ ଏହାକୁ ପରିବେଷଣ କରିଥାନ୍ତି।

**ଘୋଡ଼ାନାଚ**–: ବିଶେଷକରି ଉପକୂଳବର୍ତ୍ତୀ ଓଡ଼ିଶାର କୈବର୍ତ୍ତମାନଙ୍କ ଏକ ବଡ଼ପର୍ବ ଭାବେ ଘୋଡ଼ାନାଚର ପରିଚୟ ରହିଛି। ଏଥିରେ ବିଭିନ୍ନ ପୁରାଣ ବିଷୟକୁ ଗାୟକ ଗାୟନ କରିଥିବାବେଳେ ଦୁଇଜଣ ଘୋଡ଼ା ନାଚକରି ପରିବେଷଣ କରିଥାନ୍ତି। ଏକ ଘୋଡ଼ାପ୍ରତିମାର ମୁଖାକୁ ଏମାନେ ଅଣ୍ଟାରେ ବାନ୍ଧି ନାଚ କରିଥାନ୍ତି। ଏଥିରେ ବିଭିନ୍ନ ଚଳନ୍ତି ପ୍ରସଙ୍ଗକୁ ନେଇ ହାସ୍ୟରୋଳ ତଥା ବିଭିନ୍ନ ରସରେ ଗାୟକ ପ୍ରଶ୍ନ ଉତ୍ତର ଛଳରେ ପରିବେଷଣ କରିଥାନ୍ତି।

**ଛଉନୃତ୍ୟ**–: ଏହା ଏକ ସାମରିକ କଳାନୃତ୍ୟ । ତିନି ଶ୍ରେଣୀର ଯଥା– ପୁରୁଲିଆଛଉ, ଷଢେଇକଳା ଓ ମୟୂରଭଞ୍ଜ ଛଉ । ଏହା ବୀରରସ ଲୋକନୃତ୍ୟ। ନୃତ୍ୟଶିଳ୍ପୀମାନେ ବିଭିନ୍ନ ପୌରାଣିକ ବିଷୟବସ୍ତୁକୁ ନେଇ ନୃତ୍ୟରେ ଭାବଭଙ୍ଗୀକୁ ପ୍ରକାଶ କରିଥାନ୍ତି।

**ସୁଆଙ୍ଗ**–:ସୁଆଙ୍ଗ କଳାରେ କଳାକାରମାନେ ପୌରାଣିକ ବିଷୟକୁ ନେଇ ଦେବଦେବୀଙ୍କ ବିଭିନ୍ନ ଗୁଣଗାନ ଓ ମହିମା ସମ୍ପର୍କରେ ପ୍ରଚାର କରିବା ସହିତ ସାମାଜିକ ରୀତିନୀତିକୁ ବଖାଣିଥାନ୍ତି। ଏଥିରେ ହାସ୍ୟରସ ରହିଥାଏ। ଲକ୍ଷ୍ମୀପୁରାଣ ସୁଆଙ୍ଗ, ବିଲଙ୍କା ରାୟାୟଣ, ଚନ୍ଦ୍ରାବତୀ ସୁଆଙ୍ଗ, ଉଷାବତୀ ସୁଆଙ୍ଗ ଇତ୍ୟାଦିକୁ ମଞ୍ଚରେ ଗୀତିନାଟ୍ୟଶୈଳୀରେ କଳାକାରମାନେ ପରିବେଷଣ କରିଥାନ୍ତି।

→









**ଲୀଳା**-:ବିଶେଷକକରି ମହାଭାରତ, ଭାଗବତ, ରାମାୟଣ ଆଦି ଗ୍ରନ୍ଥପୁରାଣକୁ କେନ୍ଦ୍ରକରି ରାଧା ପ୍ରେମଲୀଳା, ରାମଲୀଳା, କୃଷ୍ଣଲୀଳା, ଗୋପଲୀଳା, ଭାରତ ଲୀଳା ଆଦି ପ୍ରସଙ୍ଗରେ ନୃତ୍ୟ ପରିବେଷଣ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଦେବଦେବୀଙ୍କ ନାମରେ ରଚିତ ଭକ୍ତି ରସର ଭଜନ ଜଣାଣକୁ ଗାଇଥାନ୍ତି। ଏହା ଧାର୍ମିକ ଭାବନାର ନିଆରା ପରିଚୟ ଦେଇଥାଏ।

**ଆଦିବାସୀ ନୃତ୍ୟ**-:ଦେଶୀଆନାଚ, ଗଦବାନାଚ, କନ୍ଧନାଚ, ଓଁରା ନାଚ, ସଉରା ନାଚ ପରି ଆଦିବାସୀମାନଙ୍କ ଏପରି ଲୋକନୃତ୍ୟରେ ସେମାନଙ୍କର ପାରମ୍ପରିକ ଚଳଣିର ଛବି ପ୍ରତିଫଳିତ ହେଉଥିବାର ଦେଖିବାକୁ ମିଳିଥାଏ।

**ଯୋଡ଼ିଶଙ୍ଖ** -ଏକକାଳୀନ ଦୁଇଟି ଶଙ୍ଖକୁ ଜଣେ କଳାକାର ଏକକାଳୀନ ବଜାଇ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରିଥାଏ। ଏପରିକି ଏଥିରେ ଏକାଧିକ କଳାକାର ବିଭିନ୍ନ ମୁଦ୍ରାରେ ଏମାନେ ଯୋଡ଼ିଶଙ୍ଖକୁ ପରିବେଷଣ କରିଥାନ୍ତି। ବହୁ ସମୟଧରି ତାଳଦେଇ ଶଙ୍ଖଧ୍ୱନି କରିଥାନ୍ତି।

**ଧୁଡୁକି**-: କେତେକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଗାଁ ଗାଁ ବୁଲି ଧୁଡୁକି ବଜାଇ ମନୋରଞ୍ଜନକରି ନିଜର ଜୀବିକା ଅର୍ଜନ କରୁଥିଲେ। ସମୟ କ୍ରମେ କଳାକାରମାନେ ପୌରାଣିକ ବିଷୟ ଉପରେ ଆଧାରିତ ବିଭିନ୍ନ ନାଟକରେ ଛାନ୍ଦ, ଗୀତ ଦ୍ୱାରା ଧୁଡୁକି ବଜାଇ ମଞ୍ଚ ନୃତ୍ୟ ପରିବେଷଣ କରିଥାନ୍ତି।

**ଗୋଟିପୁଅ**-: ଦେବଦାସୀ ପରମ୍ପରା ବିଲୟ ପରେ ଗୋଟିପୁଅ ପରମ୍ପରାରେ ପୁଅମାନଙ୍କୁ ସ୍ତ୍ରୀ ବେଶରେ ସଜିତ କରି ନୃତ୍ୟ ପରିବେଷଣ କରାଯାଇଥାଏ। ଏହା ଏକ ରାଧାକୃଷ୍ଣ ପ୍ରେମଲୀଳାର ସଙ୍ଗୀତ ନୃତ୍ୟକଳା।

**ସମ୍ବଲପୁରୀ**-:ପଶ୍ଚିମଓଡ଼ିଶାର ଲୋକପ୍ରିୟ ନୃତ୍ୟଭାବେ ସମ୍ବଲପୁରୀ ନୃତ୍ୟକ୍ରମରେ କରମା, ଡାଲଖାଇ, ରସରକେଲି, ଚୁଟ୍କୁଚୁଟା ନୃତ୍ୟ। ଯୁବତୀଯୁବକମାନେ ଗୀତର ତାଳେତାଳେ ଏହି ନୃତ୍ୟକୁ ପରିବେଷଣ କରିଥାନ୍ତି। ବିଶେଷକରି ସମ୍ବଲପୁରୀ ଶାଢ଼ି, ବିଭିନ୍ନ ଗହଣା, ମୁଣ୍ଡରେ ଫୁଲଖଞ୍ଜା ଖୋସାଯାଇ କଳାକାରମାନେ ଢୋଲବାଦ୍ୟର ତାଳେତାଳେ ନାଚିଥାନ୍ତି।

**ଘୁମୁରା**-:ମାଟି ନିର୍ମିତ ହାଣ୍ଡି ଉପରେ ଗୋଧିଚମଡ଼ା ଦ୍ୱାରା ଆବୃତ ବାଦ୍ୟଯନ୍ତ୍ରକୁ ଘୁମୁରା କୁହାଯାଏ। ଏହାକୁ କେବଳ ପୁରୁଷ କଳାକାରମାନେ ସାମରିକ ପରମ୍ପରାର ବୀରବାଦ୍ୟକୁ ପରିବେଷଣ କରିଥାନ୍ତି। ବିଭିନ୍ନ ପ୍ରକାରର ବୋ..ଲ.ର ତାଳେ ତାଳେ ଦେବଦେବୀଙ୍କ ବନ୍ଦାପନାକୁ ଗାନ କରିଥାନ୍ତି। ବିଶେଷକରି କଳାହାଣ୍ଡି, ସୁନ୍ଦରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼ ଆଦି ଜିଲାରେ ଏମିତି କଳାକାରଙ୍କୁ ଦେଖିବାକୁ ମିଳେ।

**ଦୁରୁଆ ନୃତ୍ୟ**-: ବଣପାହାଡ଼ ଘେରା କୋରାପୁଟ ଜିଲାର ଦୁରୁଆ ଆଦିବାସୀଙ୍କ ଅତ୍ୟନ୍ତ ଲୋକପ୍ରିୟ ନୃତ୍ୟ ଦୁରୁଆନୃତ୍ୟ। ଯୁବତୀ ଯୁବକମାନେ ପାରମ୍ପରିକ ବାଦ୍ୟଯନ୍ତ୍ରର ବିଭିନ୍ନ ପର୍ବ, ଯାନିଯାତରା, ଜନ୍ମମହୋତ୍ସବ,ବାହାଘର ଇତ୍ୟାଦି ଦିନରେ ଦୁରୁଆ ନୃତ୍ୟ ପରିବେଷଣ କରିଥାନ୍ତି।

**ପାଇକ**-: ପାଇକଆଖଡ଼ା ଏକ ସାମରିକ କଳା। ପାଇକମାନେ ହାତରେ ଖଣ୍ଡା,ଢାଲ, ଲାଠି ଧରି ବିଭିନ୍ନ ସମରକଳାକୁ ପରିବେଷଣ କରିଥାନ୍ତି। ଏହାକୁ ମଞ୍ଚରେ ନୃତ୍ୟଭଳି ପରିବେଷଣ କରାଯାଇଥାଏ। ବିଶେଷକରି ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଢେଙ୍କାନାଳ ଆଦି ଜିଲାର ଗଡ଼ଜାତ ଅଞ୍ଚଳରେ ଦେଖିବାକୁ ମିଳେ। ଏହା ବୀର ରସର ନିଆରା ଲୋକକଳା।

**ବାଡ଼ି ଆଖଡ଼ା**-: ପାଇକ ପରି ଏଥିରେ ପଟାଖେଳ ହୁଏ। ବାଦ୍ୟର ତାଳେ ତାଳେ ବାଡ଼ି ଓ ପଟାର ଖେଳ କରାଯାଇଥାଏ। କଳାକାରମାନେ ଶଗଡ଼ଚକା, ପଥର ଟେକିଥାନ୍ତି ଉପରକୁ।

**କୋଠିଶାଳା**-: ପ୍ରାଚୀନ ଓଷାବ୍ରତ ଏବଂ ଧାର୍ମିକ ପରମ୍ପରାକୁ ଭିତ୍ତିକରି କୋଠିଶାଳା ଆୟୋଜିତ ହୋଇଥାଏ। ବିଶେଷକରି ଆଶ୍ୱିନ ମାସରେ ଦଶହରାରୁ ହିଁ ଆରମ୍ଭ ହୁଏ, କୁମାରପୂର୍ଣ୍ଣିମାରେ ସରେ। ଗାୟକ ଗାହାଣ, ଏପରି ଘଟକଳସ ପର୍ବ ହୁଏ। ମୁଣ୍ଡରେ ଘଟକଳସ ମୁଣ୍ଡାଇ ନାରୀ ବେଶରେ କଳାକାର ମଙ୍ଗଳାଙ୍କ ସ୍ତୁତି ଗାନକରି ନାଚିଥାନ୍ତି। ବିଭିନ୍ନ ଗାଁରେ ଏମିତି ପରମ୍ପରା ରହିଥିବା ଦେଖିବାକୁ ମିଳେ।

**କଣ୍ଢେଇନାଚ**-:ବିଭିନ୍ନ କାଠ କଣ୍ଢେଇକୁ ବିଭିନ୍ନ ଚରିତ୍ରର ବେଶଭୂଷାରେ ସୁସଜ୍ଜିତ କରାଯାଇଥାଏ। ନାଟକ ମଞ୍ଚସ୍ଥ ପାଇଁ କଣ୍ଢେଇ ନାଚ ପାଇଁ ସ୍ୱତନ୍ତ୍ର ମଞ୍ଚ ତିଆରି କରାଯାଇଛି। ପ୍ରଚ୍ଛଦପଟରେ କଳାକାର ରହି ବିଭିନ୍ନ ଗୀତ ଓ ବାଦ୍ୟର ତାଳେ ତାଳେ କଣ୍ଢେଇଗୁଡ଼ିକୁ ନଚେଇଥାନ୍ତି।

**ସଖୀ ନାଚ**-: ପ୍ରାଚୀନ କାବ୍ୟ, କବିତା, ଛାନ୍ଦ, ଚଉତିଶାକୁ ନେଇ କଳାକାରମାନେ ସଖୀବେଶଧାରୀ ବେଶଭୂଷାରେ ସୁସଜ୍ଜିତ ସଖୀନାଚ ପରିବେଷଣ କରିଥାନ୍ତି। ଏଥିରେ କେବଳ ପାରମ୍ପରିକ ବାଦ୍ୟଯନ୍ତ୍ରର ବ୍ୟବହାର ସହ ବିଭିନ୍ନ ଭଙ୍ଗୀରେ କଳାକାର ନାଚିଥାନ୍ତି।

**ଦଣ୍ଡନୃତ୍ୟ**-: ପୁରାଣ ବିଷୟ ଉପରେ ଆଧାରିତ ଏକଦା ବ୍ରହ୍ମା, ଇନ୍ଦ୍ର ଓ କୁବେରଙ୍କ ପୁତ୍ରମାନେ ଥରେ ଗୁରୁ ବୃହସ୍ପତିଙ୍କଠାରୁ ଶିକ୍ଷାଲାଭ କରି ଫେରୁଥିବା ବେଳେ ବାଟରେ କଣ୍ୱମୁନି ଜଳତର୍ପଣ କରୁଥିବା ବେଳେ ଏମାନେ ତାଙ୍କ ଉପରକୁ ଥଟ୍ଟାରେ ବାଲି ଜଳ ଫିଙ୍ଗି ଦେଇଥିଲେ। ପରେ ଋଷିଙ୍କ ଅଭିଶାପ ପଡ଼ିଥିଲା ସେମାନଙ୍କ ଉପରେ। ଏଥିରୁ ମୁକ୍ତ ପାଇଁ ମହାଦେବଙ୍କ ଶରଣାପନ୍ନ ବେଳେ ମହାଦେବ ମାତୃଦୋଷ ହରଣରୁ ମୁକ୍ତି ପାଇଁ ରୁଦ୍ରକାଳୀଙ୍କୁ ପ୍ରାର୍ଥନା କରିଥିଲେ। ତେବେ ଜଳଦଣ୍ଡ, ଧୂଳିଦଣ୍ଡ ଓ ଅଗ୍ନିଦଣ୍ଡ ଆଦିରେ ନୃତ୍ୟ ପରିବେଷଣ ବେଳେ କଳାକାରମାନେ ସାମାଜିକ ଚଳଣିର ବିଭିନ୍ନ ଘଟଣାକୁ ଗୀତ ମାଧ୍ୟମରେ ସୂଚାଇଥାନ୍ତି। କିନ୍ତୁ ଲୋକ ନାଟକର ବଳିଷ୍ଠ ପୃଷ୍ଠଭୂମି ହେଉଛି ଏହାର ପରିବେଷଣ ଶୈଳୀ, ସଙ୍ଗୀତ, ଭାଷା, ପୋଷାକ। ତେବେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ଲୋକକଳାରେ ଆମ ଓଡ଼ିଶା ସମୃଦ୍ଧ। ମାତ୍ର ବିଳମ୍ବ ହେଲେ ମଧ୍ୟ ସରକାରୀସ୍ତରରେ ଲୋକକଳାର ପୁନରୁଦ୍ଧାର ପାଇଁ କେତେକ ପଦକ୍ଷେପ ନିଆଯାଇଛି, ଯାହାକି କଳା ଓ କଳାକାରଙ୍କ ପାଇଁ ଶୁଭସଙ୍କେତ ମନେହୁଏ।

**-ବନବିହାରୀ ବେହେରା**



## ଏମାନେ ଯାହା କୁହନ୍ତି



ମନ୍ମଥ ଶତପଥୀ



ବାସୁଦେବ ମାଳବିଶୋଇ



ସୁବୋଧ ପଟ୍ଟନାୟକ

ଲୋକନୃତ୍ୟ ଗବେଷକ ଏବଂ ଅବସରପ୍ରାପ୍ତ ସଂଗୀତ ନାଟକ ଏକାଡେମୀ ସଂପାଦକ **ମନ୍ମଥ କୁମାର ଶତପଥୀ** କୁହନ୍ତି - ଲୋକକଳାରେ ହିଁ ଲୋକଗୀତ, ଲୋକନୃତ୍ୟ ଓ ଲୋକନାଟକ ରହିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ ଶତାଧିକ ଲୋକନୃତ୍ୟଶୈଳୀ ରହିଛି। ଓଡ଼ିଶାରେ ବିଲୁପ୍ତପ୍ରାୟ ଲୋକସଂସ୍କୃତିର ପୁନରୁଦ୍ଧର କାର୍ଯ୍ୟ ଚାଲିଛି। ସଖୀନାଚ, ହରିକଥାକୁ ଲୋକଲୋଚନକୁ ଅଣାଯାଇଛି। ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟପ୍ରକଳ୍ପ ସଂଯୋଜକ **ବାସୁଦେବ ମାଳବିଶୋଇ** କୁହନ୍ତି- ଓଡ଼ିଶାରେ ଲୋକକଳାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏଯାଏ ପ୍ରାୟ ୪୭୧ଟି ଲୋକକଳା ସୂଚିତ କରାଯାଇଛି। ଦେଢ଼ଲକ୍ଷ କଳାକାର ପ୍ରାୟ ୧୦ହଜାର ଲୋକକଳାଦଳଙ୍କୁ ସରକାରୀସ୍ତରରେ ରାଜ୍ୟକଳା ସଂସ୍କୃତି ସଂଘ, ଜିଲା ଓ ବ୍ଲକସ୍ତରରେ ପଞ୍ଜୀକୃତ କରାଯାଇ ପାରିଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କଳାକାରମାନଙ୍କ ଜରିଆରେ ଜନସଚେତନତା କରା ଯାଉଛି। ଏଥିପାଇଁ ପ୍ରାୟ ୪୦କୋଟି ଟଙ୍କା ବିଭିନ୍ନ ବିଭାଗ ପାଇଁ ଖର୍ଚ୍ଚ ହୋଇଥାଏ। ଲୋକଗୀତ ଓ ସଂଗୀତର ମିଳିତ ସହଯୋଗରେ ହିଁ ସୃଷ୍ଟି ହୁଏ ଲୋକକଳା । ଏହା ଲୋକଙ୍କ ଭିତରେ ବଞ୍ଚିଛି। ନାଟ୍ୟନିର୍ଦ୍ଦେଶକ **ସୁବୋଧ ପଟ୍ଟନାୟକ** କୁହନ୍ତି- ଯାହାସବୁ ଲୋକମାନେ କୌଣସି ଶାସ୍ତ୍ରୀୟତା କଥାକୁ ଚିନ୍ତା ନ କରି ଝରଣା ବହିଗଲାପରି ନିଜ ମନକୁ ସୌନ୍ଦର୍ଯ୍ୟପୂର୍ଣ୍ଣ ଢଙ୍ଗରେ ପ୍ରକାଶ କରିବାର ଯେତେ ଦିଗଅଛି ତାହାକୁ ଲୋକକଳା କୁହାଯାଏ। ଲୋକକଳାରେ ଲୋକଗୀତ, ଲୋକ ନୃତ୍ୟ ଓ ଲୋକ ନାଟକ ରହିଛି। ଲୋକକଳା ପରିବେଷଣ କଳାର ମୌଖିକ ରୀତିନୀତିରେ ବଞ୍ଚିଥାଏ।

# କାର୍ଡିଗାନ୍ ଫ୍ୟାଶନ୍

**କାର୍ଡିଗାନ୍ ଏକପ୍ରକାର ସ୍ୱେଟର୍, ଯାହାର ଲୁକ୍ ପ୍ରାୟତଃ ଜ୍ୟାକେଟ୍ ପରି । କିଛି କାର୍ଡିଗାନ୍‌ର ଫ୍ରଣ୍ଟରେ ବଟନ୍ ଥାଏ ତ କିଛି ଥାଏ ସମ୍ପୂର୍ଣ୍ଣ ଓପନ୍ । ବିଭିନ୍ନ ଡିଜାଇନ୍ ଓ କଲର୍‌ରେ ଏହା ଉପଲବ୍ଧ ହୁଏ । ଶୀତ ଦାଉରୁ ରକ୍ଷାକରିବା ସହ ଷ୍ଟାଇଲିଶ୍ ଲୁକ୍ ଦେଉଥିବା କାର୍ଡିଗାନ୍ ଏବେ ୱିଣ୍ଟର ଫ୍ୟାଶନ୍ ପାଲଟିଛି...**



**ଓପନ୍ କାର୍ଡିଗାନ୍–** ଓପନ୍ କାର୍ଡିଗାନ୍ ବିଭିନ୍ନ ପ୍ରକାରର । ସାଧାରଣତଃ ଏହି କାର୍ଡିଗାନ୍‌ର ଫ୍ରଣ୍ଟ ସେକ୍ସନ୍‌ରେ ବଟନ୍ କିମ୍ବା ଜିପର୍ ନ ଥାଏ । ଏହା ବିଭିନ୍ନ କଲର୍ ଓ ଷ୍ଟାଇଲ୍‌ରେ ଉପଲବ୍ଧ ହୁଏ । ନିଟେଡ୍ ଉଲ୍, ପଲିଷ୍ଟର୍ ଉଲ୍‌ରେ ଏହାକୁ ତିଆରି କରାଯାଇଥାଏ । ଆଣ୍ଠୁ ତଳ ପର୍ଯ୍ୟନ୍ତ ଏହାର ଲମ୍ବ ହୋଇଥାଏ । ଟ୍ୟାଙ୍କ ଟପ୍, ଟି ସର୍ଟ ଓ ଜିନ୍ସ ସହ ଏହା ବହୁତ ଭଲ ଲାଗେ ।

**ଲଙ୍ଗ କାର୍ଡିଗାନ–** ଏହା ଓପନ୍ କାର୍ଡିଗାନ୍ ଭଳି କିନ୍ତୁ ବହୁତ ଲମ୍ୱା । ବଲ୍କି ଲଙ୍ଗ କୋଟ୍‌ର ସବ୍‌ଷ୍ଟିଚ୍ୟୁଟ୍ ଚାହୁଁଥିଲେ ଏହାକୁ ବାଛିପାରିବେ । ଏହାର ଫ୍ରଣ୍ଟରେ ଜିପର୍ କିମ୍ବା ବଡ ବଟନ୍ ଥାଏ । ସ୍ଲିମ୍ ଫିଗର୍‌କୁ ଏହି କାର୍ଡିଗାନ୍ ବହୁତ ଭଲ ଲାଗେ । ଏହାକୁ ଲେଗିଙ୍ଗସ୍, ଜିନ୍ସ, ରେଗୁଲାର୍ ଟ୍ରାଉଜର୍ ଏମିତିକି ଷ୍ଟକିଂସ୍‌ରେ ପିନ୍ଧି ପାରିବେ ।



**କ୍ରପ୍‌ଡ କାର୍ଡିଗାନ୍–** ଏହି କାର୍ଡିଗାନ୍ ବହୁତ ଛୋଟ । ଚେଷ୍ଟ ଏରିଆଠାରୁ ଟିକେ ତଳ ପର୍ଯ୍ୟନ୍ତ ଉକ୍ତ କାର୍ଡିଗାନ୍ ରହେ । ଲେସ୍, ଉଲ୍, ଲିନେନ୍‌ରେ ଏହାକୁ ତିଆରି କରାଯାଏ । ଏହି କାର୍ଡିଗାନ୍‌ର ସାମ୍ନା ଭାଗରେ କେବେ କେବେ ହୁକ୍ ତ କେବେ ବଟନ୍ ଥାଏ । ଅନେକ ସମୟରେ ଫ୍ରଣ୍ଟ ଓପନ୍ ବା ଖୋଲା ରହିଥାଏ ।

**କାର୍ଡିଗାନ୍ ଭେଷ୍ଟ–** ଏହା ସାଧାରଣତଃ ସ୍ଲିଭ୍‌ଲେସ୍ । ଯେତେବେଳେ ଲଙ୍ଗ ସ୍ଲିଭ୍ ତଥା ହେଭି ସ୍ୱେଟର ପିନ୍ଧିବାକୁ ଇଚ୍ଛା ନ ଥିବ ଏହାକୁ ଟ୍ରାଏ କରିପାରିବେ । ଏହାକୁ ପିନ୍ଧିଲେ ଲୁକ୍ ଫ୍ୟାଶନେବୁଲ ଲାଗେ । କଟନ୍ ଉଲ୍, ମୋଟା ମେଣ୍ଢା ଲୋମର ଉଲ୍ ଆଦିରେ ଏହା ତିଆରି ହୋଇଥାଏ । ଏହାର ଲମ୍ୱ କେବେ ଅଣ୍ଟା ପର୍ଯ୍ୟନ୍ତ ତ କେବେ ହିପ୍ ପର୍ଯ୍ୟନ୍ତ ଥାଏ । ବିଭିନ୍ନ କଲର୍ ଓ ଡିଜାଇନ୍‌ରେ ଆସୁଥିବା ଏହି କାର୍ଡିଗାନ୍ ଷ୍ଟାଇଲିସ୍ ଲୁକ୍ ଦିଏ ।



**ବେଲ୍ଟେଡ୍ କାର୍ଡିଗାନ୍–** ଏହି କାର୍ଡିଗାନ୍ ବହୁତ ଫ୍ୟାଶନେବୁଲ । କିନ୍ତୁ ମୋଟା ଫିଗର୍‌କୁ ସୁଟ୍ କରେନା । ୱେଲ୍ ଟୋନ୍‌ଡ ଓ ସ୍ଲିମ୍ ଫିଗର୍‌କୁ ଭଲ ଲାଗେ । ଏହା ବିଭିନ୍ନ ପ୍ରକାର ଲେନ୍ଥରେ ଉପଲବ୍ଧ ହୁଏ । ଷ୍ଟକିଙ୍ଗସ୍, ଜିନ୍ସ, ଲେଗିଙ୍ଗସ୍, ହାଇ ବୁଟ୍ ସହ ଏହାକୁ ପିନ୍ଧିପାରିବେ ।



**ଟ୍ୟୁନିକ୍ କାର୍ଡିଗାନ୍–** ଏହା ସାଧାରଣତଃ ପାଦ ପର୍ଯ୍ୟନ୍ତ ଲମ୍ୱା । ଜିନ୍ସ, ଲେଗିଙ୍ଗସ୍ ଓ ଲଙ୍ଗ ବୁଟ୍ ସହ ଏହା ବହୁତ ଭଲ ଲାଗେ । ଏହି କାର୍ଡିଗାନ୍ ଦ୍ୱାରା ଶରୀରର ବହୁତ ଭାଗ ଘୋଡେଇ ହୋଇ ରୁହେ । ତେଣୁ ବହୁତ ଶୀତ ହେଉଥିବା ସମୟରେ ବାହାରକୁ ଯିବାକୁ ଥିଲେ ଏହାକୁ ପିନ୍ଧି ପାରିବେ । ଏହା ବିଭିନ୍ନ ଷ୍ଟାଇଲ୍, କଲର୍, ଡିଜାଇନ୍‌ରେ ଉପଲବ୍ଧ ହୁଏ ।

**ଜିପ୍ଡ କାର୍ଡିଗାନ୍–** ଏହା ଦେଖିବାକୁ ଜ୍ୟାକେଟ୍ ପରି । ଏଥିରେ ଜିପର୍ ସହ ବଡ଼ ବଡ଼ ପକେଟ୍ ଥାଏ । ଏହାର ଲମ୍ୱା ଅଣ୍ଟା ପର୍ଯ୍ୟନ୍ତ ଏବଂ ଉଭୟ କାଜୁଆଲ ଓ ଫର୍ମାଲ୍ ୱେର୍ ଭାବେ ଏହାକୁ ବ୍ୟବହାର କରିପାରିବେ । ଏହା ଉଷ୍ମତା ପ୍ରଦାନ କରିବା ସହ ଷ୍ଟାଇଲିଶ୍ ଲୁକ୍ ବି ଦିଏ । ବିଭିନ୍ନ ଡିଜାଇନ୍ ଓ କଲର୍‌ରେ ଉପଲବ୍ଧ ଏହି କାର୍ଡିଗାନ୍‌କୁ ଟି-ସର୍ଟ, ସ୍ଲିମ୍ ଫିଟ୍ ଶାର୍ଟ, ଜିନ୍ସ, ସ୍ୱେଟ୍ ପ୍ୟାଣ୍ଟ ସହ ପେୟାର୍ କରିପାରିବେ ।



**ଷ୍ଟାଇଲ୍ ଟିପ୍ସ–** * କାର୍ଡିଗାନ୍ ବଟନ୍ ବାଲା ହେଉ ଅବା ବଟନ୍ ନ ଥିବା, ତା' ଉପରେ ବେଲ୍ଟ ପିନ୍ଧନ୍ତୁ । ସେ ପୁଣି ଅଣ୍ଟା ସ୍ଥାନରେ, ଯଦ୍ଦ୍ୱାରା ଫିଗର୍ ବଲ୍କି ଲାଗିବ ନାହିଁ ।

*ହାଲ୍‌କା ବ୍ରାଇଟ୍ କଲର୍‌ର ଟ୍ୟାଙ୍କ ଟପ୍ ସହ କଣ୍ଟ୍ରାଷ୍ଟ କଲର୍‌ର କାର୍ଡିଗାନ୍ ପିନ୍ଧନ୍ତୁ ।


*ଲଙ୍ଗ କାର୍ଡିଗାନ୍ ସହ ସ୍କିନି ଜିନ୍ସ କିମ୍ବା ଲେଗିଙ୍ଗସ୍ ଭଲ ଲାଗେ ।

*କାର୍ଡିଗାନ୍ ସହ ସ୍କାର୍ଫ ବ୍ୟବହାର କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।










# ଏକରେ ଅନେକ

କାବ୍ୟିକ ଛଟାରେ ମନର ଭାବକୁ ବ୍ୟକ୍ତ କଲାବେଳେ ହେଉ କି ଚିତ୍ରକରର ରଙ୍ଗକୁ ସର୍ବାଙ୍ଗରେ ବୋଳି ମଞ୍ଚରେ ଅଭିନୟ କଲାବେଳେ, ବିଷଣ୍ଣତାର ଆବରଣ ଫିଙ୍ଗି ହସର କଲ୍ଲୋଳ ଖେଳାଇଲାବେଳେ ହେଉ କି ହେଉ ଅଧ୍ୟାପନା ଓ ଉପସ୍ଥାପନା ସେ ସାମ୍ନାକୁ ଆସନ୍ତି ରାଜକୀୟ ଠାଣି ନେଇ ଦର୍ଶକ, ଶ୍ରୋତା ଏବଂ ପାଠକଙ୍କ ଶ୍ରଦ୍ଧା ଏବଂ ସମ୍ମାନକୁ ସାଉଁଟି। ସେ ଆଉ କେହି ନୁହନ୍ତି ଆମ ସମସ୍ତଙ୍କର ପ୍ରିୟ ରମାକାନ୍ତ ମିଶ୍ର।

ବହୁମୁଖୀ ପ୍ରତିଭା ରମାକାନ୍ତ ମିଶ୍ରଙ୍କ ଜନ୍ମ ୨୧ ଜୁନ ୧୯୫୬ ମସିହାରେ। ବିଖ୍ୟାତ ରେଭେନ୍ସା ମହାବିଦ୍ୟାଳୟରୁ ଶିକ୍ଷା ସମାପନ ପରେ ସେ ଓଡ଼ିଶାର ବିଭିନ୍ନ ଖ୍ୟାତନାମା ଶିକ୍ଷାନୁଷ୍ଠାନରେ ଇଂଲିଶ ପ୍ରାଧ୍ୟାପକ ରୂପେ କାର୍ଯ୍ୟ କରନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ପ୍ରସିଦ୍ଧ ଶିକ୍ଷାୟତନରେ କଟିଛି ତାଙ୍କର ଅଧ୍ୟାପନା ଜୀବନ। ସେ ମଧ୍ୟ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ସମ୍ବାଦ ପାଠକ ରୂପେ ସଫଳତାର ସହ କାର୍ଯ୍ୟ କରିଛନ୍ତି। କବିତା ରଚନା, ଅଭିନୟ, ସଂଯୋଜନା ଇତ୍ୟାଦି ସବୁ କ୍ଷେତ୍ରରେ ତାଙ୍କର କୃତିତ୍ୱ ସର୍ବଜନବିଦିତ। କେବଳ ସେତିକି ନୁହେଁ, ଛୋଟ ବଡ଼ ପରଦା ପାଇଁ ଦୁଇଶହରୁ ଊର୍ଦ୍ଧ୍ୱ ପ୍ରାମାଣିକ ଚିତ୍ରରେ କଣ୍ଠଦାନ କରିଛନ୍ତି। ନିଜର ନାଟ୍ୟସଂସ୍ଥା 'ହୃଦୟ' ମାଧ୍ୟମରେ ପ୍ରସିଦ୍ଧ ନାଟକ କିଛିକୁ ଓଡ଼ିଆରେ ଅନୁବାଦ କରି ନିର୍ଦ୍ଦେଶନା ଏବଂ ଅଭିନୟ କରି ସେ ତାଙ୍କ ଭିତରର ନିଆଁକୁ ପବନ ଦେଇଛନ୍ତି ବୋଲି କୁହନ୍ତି। ଏକ ୟୁଟ୍ୟୁବ ଚାନେଲ କରି ହାସ ପରିହାସ ଓ ଅନ୍ତରଙ୍ଗ ଆଳାପର ଏକ ନିୟମିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। ସରସତା ଓ ବିନୋଦପ୍ରିୟତା ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ଦୁଇ ବିଶେଷ ଗୁଣ। ସର୍ଜକ ହିସାବରେ ରସସଞ୍ଚାର ତାଙ୍କର ମୁଖ୍ୟ ଚାଳିକା ଶକ୍ତି ବୋଲି ସେ ମନେକରନ୍ତି। ସେ କୁହନ୍ତି, କଥା କହିବାର କଳା ସେ ଶିଖିଛନ୍ତି ତାଙ୍କ ବୋଉଙ୍କଠାରୁ। କବିତା, ବ୍ୟଙ୍ଗ ରଚନା କି ନାଟକର ସଂଳାପ ଏସବୁଥିରେ ତ ଲୋକଙ୍କ ମନକୁ ଘେନିବା ବଡ଼ କଥା। ଦର୍ଶକ ହୁଅନ୍ତୁ କି ପାଠକ ସମସ୍ତଙ୍କ ହୃଦୟ ଜୟ କରିବା ତାଙ୍କ ଲିଖନ, ଅଭିନୟ ତଥା ବ୍ୟଙ୍ଗ ଉପସ୍ଥାପନର ମୂଳ ଇଚ୍ଛା। ନିଜ ସର୍ଜନାର ବହୁମୁଖୀନତାର ଶ୍ରେୟ ସେ ଦିଅନ୍ତି ନିଜର ପ୍ରଚଣ୍ଡ ଅସ୍ଥିର ଓ ବିକ୍ଷିପ୍ତ ମନକୁ। କୁହନ୍ତି, ଅସ୍ଥିରତା ଓ ଅସୁରକ୍ଷା ଭାବନା ତାଙ୍କୁ ବାରକାମରେ ବିନିଯୋଗ କରେ। କବିତାର ସିଂହଭାଗ ସେ ଲେଖିଛନ୍ତି ବି.ଏ. ଓ ଏମ.ଏ. ପଢିବା ସମୟରେ ଯଦିଓ କବିତା ତାଙ୍କୁ ଆବିଷ୍କାର କରିଛି ତାଙ୍କ ବିଦ୍ୟାଳୟ ଜୀବନରୁ। ପିଲାଦିନୁ ନାଟକ କରିଛନ୍ତି, ଦୀକ୍ଷିତ ହୋଇଛନ୍ତି ବୈଷ୍ଣବ ପାଣିଙ୍କ ସୁଆଙ୍ଗରେ। ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ମଞ୍ଚ ରେଭେନ୍ସା ମହାବିଦ୍ୟାଳୟରେ ବିଶୁଦ୍ଧ ନାଟକ ସହ ପରିଚିତ ହୋଇଛନ୍ତି ଗୁରୁ ହେମନ୍ତ ଦାସଙ୍କର ଦିଗ୍‌ଦର୍ଶନରେ। ହୋଇଛନ୍ତି ଶ୍ରେଷ୍ଠ ଅଭିନେତା, ବଢିଛି ଉତ୍ସାହ ଓ ଆସ୍ପର୍ଦ୍ଧା । ସଦାଚଞ୍ଚଳ ରମାକାନ୍ତ ଓଡ଼ିଆ ବ୍ୟଙ୍ଗ କବିତାକୁ ଲାଳିକାମୁକ୍ତ କରିବାକୁ ଚେଷ୍ଟା କରିଛନ୍ତି । ସେଥିରେ ସେ ସଫଳ ମଧ୍ୟ ହୋଇଛନ୍ତି । ସେ ପ୍ରମାଣ କରିଛନ୍ତି ବ୍ୟଙ୍ଗ କବିତା ଏକ ଗମ୍ଭୀର କାର୍ଯ୍ୟ। ଏବଂ ବ୍ୟଙ୍ଗକବିତାର ଲୋକପ୍ରିୟତା କେବେ ବି ମଉଳି ନାହିଁ । ତାଙ୍କ ପାଇଁ କବିତା ଉପସ୍ଥାପନ ନୁହେଁ ବରଂ ପରିବେଷଣ। ବେତାର ନାଟକ ଶିଳ୍ପୀ ଭାବରେ ସେ ପରିବେଷଣ କରିଛନ୍ତି ଅନେକ ଲଘୁକଥା। 'ହୃଦୟ' (ରମାକାନ୍ତଙ୍କର ଅଣପଞ୍ଜୀକୃତ ନାଟକ ସଂସ୍ଥାଟିର ନାଁ) ମାଧ୍ୟମରେ ନାଗମଣ୍ଡଳ, ତୁଗଲାକ, ଆଷାଢ଼ କା ଏକ ଦିନ୍ ଓ ମ୍ୟାକ୍‌ବେଥ ପ୍ରଭୃତି କାଳଜୟୀ ନାଟକର ଅନୁବାଦ କରି ସେ ନିର୍ଦ୍ଦେଶନା ଦେଇଛନ୍ତି ଓ ତହିଁରେ ଉଚ୍ଚକୋଟୀର ଅଭିନୟ ନିଜେ କରିଛନ୍ତି। କିଛି ଭଲ ଚଳଚ୍ଚିତ୍ର କରିବାର ସ୍ୱପ୍ନ ଆଜି ବି ତାଙ୍କ ମନରେ ଖେଳିବୁଲେ। ସେ ବୁଝନ୍ତି ସବୁ କଳାର ଆତ୍ମା ଏକ। ତା'ର ଲକ୍ଷ୍ୟ ସୌନ୍ଦର୍ଯ୍ୟକୁ ଚିହ୍ନିବା, ପରଖିବା ଏବଂ ଭୁଞ୍ଜେଇବା।

ନିଜ ସ୍ୱପ୍ନ ଓ ଅବସୋସ ସମ୍ପର୍କରେ ସେ କୁହନ୍ତି, 'ଓଡ଼ିଆ କାବ୍ୟଧାରା' , ଓଡ଼ିଆ ଗଳ୍ପଧାରା , 'ଓଡ଼ିଆ ନାଟ୍ୟଧାରା' , 'ଓଡ଼ିଆ ବ୍ୟଙ୍ଗଧାରା' ପରି କେତେଗୁଡିଏ ରୋଚକ ମନୋରଞ୍ଜନଧର୍ମୀ ମଞ୍ଚ କାର୍ଯ୍ୟକ୍ରମ ପରି ଆଜିର ପିଢିକୁ ଆମ ପରମ୍ପରା ସମ୍ପର୍କରେ ଅବଗତ କରେଇବାର ସ୍ୱପ୍ନ ଅଛି। ଅର୍ଥ ସାପେକ୍ଷ ହୋଇଥିବାରୁ ପ୍ରଯୋଜକ ସନ୍ଧାନରେ ଅଛି । 'ମାଟିର ମଣିଷ' ଉପନ୍ୟାସର ଆଉଥରେ ମଞ୍ଚାୟନର ଇଚ୍ଛା ଅଛି । ସଫୋକ୍ଲିସଙ୍କର ସୁପ୍ରସିଦ୍ଧ ନାଟକ 'ଇଡିପସ' ଅନୁବାଦ କରି ସାରିଛି। ମଞ୍ଚସ୍ଥ ହେବ ଖୁବଶୀଘ୍ର। ଓଡ଼ିଆ ଭାଗବତକୁ ନାୟକ କରି ଭାଗବତକାର ଜଗନ୍ନାଥ ଦାଶଙ୍କ ସୃଜନ ପ୍ରକ୍ରିୟାକୁ ମୁଖ୍ୟ ବିଷୟ କରି ଏକ ନାଟକର ନକ୍ସା କରିଛି 'କହଇ ଦାଶ ଜଗନ୍ନାଥ'। ଅବସୋସ ଏକ ଅସ୍ଥିରତା ଅଥବା ଅସନ୍ତୋଷ, ଯାହା କାର୍ଯ୍ୟ କରେଇ ନିଏ ନିଜଠାରୁ ସମୟ ସୁଯୋଗ ଦେଖି ବୋଲି ସେ ବୁଝନ୍ତି।



ସୋସିଆଲ ମିଡିଆରେ ସକ୍ରିୟ ଥିବା ରମାକାନ୍ତଙ୍କୁ ଅଭିଳାଷ ପୂରଣ ପଥରେ ସାମାଜିକ ଗଣମାଧ୍ୟମର ଭୂମିକାକୁ କିପରି ଭାବରେ ଗ୍ରହଣ କରନ୍ତି ତା'ର ପ୍ରଶ୍ନରେ ସେ ହସି ହସି କୁହନ୍ତି ''ମୋ ଭଳି ଅଳସୁଆ ସାରା ପୃଥିବୀରେ ଖୋଜିଲେ ମିଳିବେ ନାହିଁ। ତା' ଛଡ଼ା ଭଲ ସୃଜନଶିଳ୍ପୀଟିଏ ହେବା ଲାଗି ଯେଉଁ ସାଧନା ଓ ନିଷ୍ଠା ଲୋଡ଼ା ତାହା ମୋ'ଠାରେ ନାହିଁ । ଏଣୁ ସାମାଜିକ ଗଣମାଧ୍ୟମ ମୋ'ପାଇଁ ବରଦାନ ସଦୃଶ। ଏହା ଏବେ ମୋର ସବୁଠାରୁ ବଡ଼ ସାନ୍ତ୍ୱନାଦାୟୀ ବନ୍ଧୁ। ଅଳ୍ପଶବ୍ଦର କବିତା, ଛୋଟ ଛୋଟ ଉକ୍ତି, ଚିତ୍ରମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚି ଯାଇ ହେଉଛି ଏବଂ ହାତେ ହାତେ ପ୍ରଶଂସା ଓ ନିନ୍ଦା ମିଳିଯାଉଛି।

ଚଲାପଥ କବିତା ସମ୍ମାନ, ଫକୀରମୋହନ ସାହିତ୍ୟ ପରିଷଦ ବ୍ୟଙ୍ଗ ସମ୍ମାନ, ଚଳଚ୍ଚିତ୍ର ଜଗତ ଶ୍ରେଷ୍ଠ ଟିଭି ସମ୍ବାଦ ପାଠକ ସମ୍ମାନ, ଅଭିନନ୍ଦନିକା ବ୍ୟଙ୍ଗ ସମ୍ମାନ, ଶ୍ରୀଗଣେଶ ବ୍ୟଙ୍ଗ ସମ୍ମାନ, ମାହାଙ୍ଗା ଗୌରବ ସମ୍ମାନ, ଗଣକବି ସ୍ମୃତି ସମ୍ମାନ ଭଳି ଅନେକ ସମ୍ମାନରେ ସେ ସମ୍ମାନିତ। ରମାକାନ୍ତ ମିଶ୍ର ବହୁବିଧ ପ୍ରତିଭାର ଜଣେ ବିରଳ ସମାହାର।


–ମାନମୟୀ ରଥ
manamayeeratha 1 @gmail.com









## କେବେ କେବେ

କେବେ କେବେ ମୁଁ କସ୍ତୁରୀ ମୃଗ ତ
ଆଉ କେବେ ତପସ୍ୟାରତ ତପସ୍ୱୀ,
କେବେ ଖୋଜିବୁଲେ ଇତସ୍ତତଃ ତମକୁ ତ
ଆଉ କେବେ ଝାଂକିବ ସେ ମୋ
ଆଭ୍ୟନ୍ତରେ।

ଏବେ ଜାଣେ ତମେ ଆଉ ମୁଁ
ଏକ ଓ ଅଭିନ୍ନ
ତମେ ସମାହିତ ମୋ ଭିତରେ
ଆଉ ମୁଁ ତମ ଶରୀରେ .....

–ମହେଶ୍ୱର ପଧାନ
ଧୂଲୁଣ୍ଡା, ୧୯ଖଣ୍ଡ ମୌଜା , ଝାରସୁଗୁଡ଼ା
ମୋ–୯୦୭୮୯୩୧୫୨୨

## ମୋ କଥା..

ତୁମେ ସିନା ଭାବ
ଆଉ କାହା ଅସ୍ତ୍ର
ମୋତେ ଜର୍ଜରିତ କରେ,
ହେଲେ
ମୋତେ ବା ଆହତ
କରିବାର କଳା
ମୋ ଛଡା କାହା ପାଖରେ ?

– ରଜତ ମହାନ୍ତି
ବଳଗଣ୍ଡି, ପୁରୀ
ମୋ–୮୯୦୮୦୬୬୫୬୨

## କୁହୁଡ଼ିର ସକାଳରେ

ଶୀତ ଆସେ ବୋହୂ ହୋଇ
କୁହୁଡ଼ିର ସବାରିରେ
ରୁପା ରାତି ମହକଇ
ସପନର ଅଭିସାରେ।।

ଟୋପା ଟୋପା କାକରରେ
ସଜା ଘାସଫୁଲ
ସତେଲାଗେ ମୋ ପ୍ରିୟାର
କାନେ ସୁନାଫୁଲ
କୁହୁକର କରାମତି
ଲାଗେ ତା'ର ଆସିବାରେ
ଶୀତ ଆସେ ବୋହୂ ହୋଇ
କୁହୁଡ଼ିର ସବାରିରେ।।

ଫୁଲ ଆଉ ପତରରେ
ପ୍ରଣୟର ଗୀତ
ସେଇ ଗୀତେ ଛୁଏଁ ମୋତେ
ମୋ ମନର ମିତ
ଘୁମେଇ ପଡ଼ଇ ଛାତି
ପୀରତିର ବାହୁ ତୋରେ
ଶୀତ ଆସେ ବୋହୂ ହୋଇ
କୁହୁଡ଼ିର ସବାରିରେ।।

–ମନୋଜ ମହାନ୍ତି
ଭୁବନେଶ୍ୱର,
ମୋ– ୯୪୩୮୭୭୧୮୮୦



# ଶେଷ ସନ୍ତକ

–ସୁଦର୍ଶନ ମହାପାତ୍ର



ସୁମିତ୍ରା ସେଦିନ ନେହୁରା ହେଲା ଭଳି ପୁଅକୁ କହିଲେ– ''ତୋ' ବାପାଙ୍କ ଦେହ ଆହୁରି ଖରାପ ଆଡକୁ ଯିବା ଭଳି ଲାଗୁଛି। ମୋ ପାଖରେ ଆଉ ପଇସା ପତ୍ର କିଛି ନାହିଁ। ତୁ କହିଥିଲୁ ଦରମା ପାଇଲେ.... !'' ବୋଉର ସୁଁ ସୁଁ କାନ୍ଦ ଛଡା ପୁଅ ଆଉ କିଛି ଶୁଣିପାରିଲା ନାହିଁ। ଥତମତ ହୋଇ କହିଲା– 'ଅଫିସରେ ବହୁତ କାମ। ବ୍ୟସ୍ତ ଅଛି। ତୁ ଏବେ ଫୋନ୍ ରଖ।' ଫୋନ କାଟି ଦେଇଥିଲା ପୁଅ।

–'ଆମେ ଫ୍ଲାଟଟିଏ କିଣିଛୁ। ଦରମା ସବୁ କଟି ଯାଉଛି କିସ୍ତି ବାବଦରେ। ଆମ ପାଖରେ ପଇସା ନାହିଁ।' ପୁଅ ନୁହେଁ, ବୋହୂର ସ୍ୱର ଶୁଣି ସୁମିତ୍ରା ଭାଙ୍ଗି ପଡୁଥିଲେ। ଥଳକୂଳ ପାଉ ନ ଥିଲେ ଆଉ।–'ପୁଅକୁ କହିବୁ, ମୋ ପାଖରେ ସୁନାଚୁଡି ଆଠ ପଟ ଅଛି। ଖାଲି ଟିକେ ଆସି... !' ଆଉ କିଛି କହିପାରିଲେନି। କଣ୍ଠ ରୁନ୍ଧି ହୋଇଯାଉଥିଲା ଯେମିତି। ଫୋନ କାଟିଦେଲେ ସୁମିତ୍ରା।

ପରଦିନ ପୁଅ ଆସି ହାଜର ହେଲା ଗାଆଁରେ। ବହୁତ ଡେରି ହୋଇଯାଇଥିଲା ସେତେବେଳକୁ। ମେଡିକାଲ ନେବା ବାଟରେ ବାପା ଶେଷ ନିଃଶ୍ୱାସ ତ୍ୟାଗ କଲେ। ବୋହୂ ଆସିଲା ଦଶାହ କର୍ମରେ ଯୋଗଦେବାକୁ। ସ୍ୱର୍ଗତ ସ୍ୱାମୀଙ୍କର ଶେଷ ସନ୍ତକ ଆଠପଟ ଚୁଡ଼ି ବୋହୂ ହାତରେ ଚିକ୍‌ମିକ୍ କରୁଥିବାର ଦେଖିଲେ ସୁମିତ୍ରା... !!

*– କୁଞ୍ଜବିହାରୀ ଲେନ, କଟକ*



## ମିଠାଚୁଡ଼ା

–କ୍ଷୀରୋଦ ବିଶ୍ୱାଳ


ବୋଉ ସବୁଦିନ ସକାଳୁ ଚୁଡ଼ା, କଦଳୀ ଆଉ ଚିନି ଚକୁଟି ଥୋଇଦବ। କହିବ ଖା । କେତେବେଳେ ଚୁଡ଼ା ସନ୍ତୁଳା ତ କେତେବେଳେ କ୍ଷୀର ସହିତ ଭଜା ଚୁଡ଼ା ।
ସବୁବେଳେ ସେ ଚୁଡ଼ା କୁ ଦେଖିଲେ ମୋତେ ବାନ୍ତି ଆସେ । ମୁଁ କହେ ଚୁଡ଼ା ମୋତେ ପିତା ଲାଗୁଛି ।

***

ମହାବାତ୍ୟାରେ ଆମ ମାଟିଘର ଭାଙ୍ଗିଗଲା ପରେ, ସ୍କୁଲ୍ ଘରେ ଦୁଇଦିନ ଉପାସରେ କଟିଲା । ସରକାରୀ ଲୋକ ସୁଖିଲା ଖାଇବା ଆଣି ବାଣ୍ଟିଲେ । ବୋଉ ବେଲା ପତେଇ ମାଗିଆଣିଥିଲା । ମୋତେ ବେଲା ଦେଖେଇ ଲୁହ ଚାପି କହିଲା –ତୁ ତ ଯାକୁ ଖାଇବୁନି !।
ସେ ବେଲାରୁ ମୁଠେ କଂଚା
ଚୁଡ଼ା ପାଟିରେ ପୁରେଇ କହିଲି
ବୋଉ ମୋତେ ଚୁଡ଼ା ମିଠା ଲାଗେ।



–ନୁଆପୁର, ବାଲେଶ୍ୱର
ମୋ–୯୪୩୯୯୮୭୬୭୫



# ସମୟ ନାହିଁ

**ଆ**ଲିୟାଙ୍କୁ ଏବେ ସମୟ ନାହିଁ। କାରଣ ତାଙ୍କ ହାତରେ ଏବେ ୩-୪ଟି ଅଫର ରହିଛି। ତା'ପରେ ଆଉ କେତେ ଜଣ ପ୍ରଯୋଜକ ତାଙ୍କୁ ସାଇନ୍ କରାଇବା ପାଇଁ ଲାଇନ୍‌ରେ ଅଛନ୍ତି। ହେଲେ ଆଲିୟା ଭଟ୍ଟଙ୍କ ପାଇଁ ଗୋଟିଏ ସମସ୍ୟା ସମୟ ଅର୍ଥାତ୍ ଟାଇମ୍। ଏ ସମ୍ପର୍କରେ ସେ କହନ୍ତି, 'ଏ ପର୍ଯ୍ୟନ୍ତ ଯେତେଗୋଟି ସିନେମା ସାଇନ୍ କରିଛି ସେଗୁଡିକ ପାଇଁ ଡେଟ୍ ଫାଇନାଲ ହୋଇସାରିଛି। ନୂଆ ସିନେମା ପାଇଁ କେବେ ଡେଟ୍ ଫିକ୍ସ କରିବି ସେ ନେଇ ଅଡୁଆରେ ପଡ଼ିଛି। ତଥାପି ମୋତେ ତା' ଭିତରୁ ସମୟ ବାହାର କରିବାକୁ ପଡ଼ିବ। କାରଣ ଏବେ ମୋ ହାତରେ ଥିବା ଅଫରଗୁଡ଼ିକର କାହାଣୀ ମୋ ମନକୁ ବେଶ୍ ପ୍ରଭାବିତ କରିଛି। ତେଣୁ ଏଗୁଡ଼ିକୁ ହାତଛଡ଼ା କରିବାକୁ ମନ ହେଉନାହିଁ। ସେପଟେ ଶୁଣିବାକୁ ପାଉଛି ଯେ, ମୁଁ କୁଆଡେ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ଏକଥା ପଛରେ ଆଦୌ ସତ୍ୟତା ନାହିଁ। କାରଣ ମୁଁ ଏବେ ଯାହା ପାରଶ୍ରମିକ ପାଉଛି ତାହାକୁ କେବେ ବଢ଼ାଇବି ତାହା ମୋ ଉପରେ ନିର୍ଭର କରେ।' ଅନ୍ୟପକ୍ଷରେ ଆଲିୟା ଅଭିନୟ କରିବାକୁ ଯାଉଥିବା ଏକ ଅନଟାଇଟଲ୍‌ଡ ଫିଲ୍ମରେ ଜଣେ ନବାଗତ ଅଭିନୟ କରିବାକୁ ଯାଉଛନ୍ତି। ହେଲେ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କର ନାମ ଘୋଷଣା କରାଯାଇନାହିଁ।



ଆଲିୟା

# ଟାଇଗରଙ୍କ ଟି' ପାର୍ଟି

**ବ**ଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ। ତାଙ୍କର ଟି' ପାର୍ଟିକୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କୋଭିଡ୍ ଅନ ଲକ୍ ପରେ ଏବେ ତ ଶୁଟିଂ ଆରମ୍ଭ ହୋଇଗଲାଣି। ହେଲେ ତା' ଭିତରେ ସେ ନିଜର କେତେ ଜଣ ସାଙ୍ଗଙ୍କୁ ଟି' ପାର୍ଟି ଦେବେ ବୋଲି କଥା ଦେଇଥିଲେ। ହେଲେ ଶୁଟିଂ ବ୍ୟସ୍ତତା ଭିତରେ ସେ ତାହାକୁ ଭୁଲିନାହାନ୍ତି। ଏଥିରୁ ନିକଟରେ ସେ କିଛି ଦିନ ବ୍ରେକ ପାଇଥିଲେ। ବାସ୍, ସେହି ସମୟରେ ସେ ଏକ ଟି' ପାର୍ଟି ଆରେଞ୍ଜ କରିବାକୁ ଭୁଲି ନ ଥିଲେ। ଏ ନେଇ ଟାଇଗର କହନ୍ତି, 'ମୋ ସ୍କୁଲ ସମୟର ସାଙ୍ଗମାନଙ୍କୁ ଏକ ଟି' ପାର୍ଟି ଦେବି ବୋଲି କୋଭିଡ୍ ପୂର୍ବରୁ କଥା ଦେଇଥିଲି। ହେଲେ ଲକ୍‌ଡାଉନ୍ ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ଏବେ ତ ଅନ୍‌ଲକ୍ ଚାଲିଛି। ତେଣୁ କୋଭିଡ୍ ଗାଇଡ୍ ଲାଇନ୍‌କୁ ଅନୁସରଣ କରି ଏହି ପାର୍ଟି ଆୟୋଜିତ ହୋଇଥିଲା। ଅସଲ କଥା ହେଲା ମୋର କେତେ ଜଣ ସାଙ୍ଗ ଆକ୍ସନ ଭୂମିକାରେ ଅଭିନୟ କରିବାକୁ ଆଗ୍ରହୀ। ତେଣୁ ଏହି ସମୟରେ ସେମାନଙ୍କ ସହ ଟିପ୍ସର ଆଦାନ ପ୍ରଦାନ ମଧ୍ୟ ହୋଇଥିଲା।'



ଟାଇଗର ଶ୍ରଫ

## ଲାଜକୁଳୀ କିଆରା

**ଗୋ**ଟିଏ କଥା ପଚାରିଲେ କିଆରା ଆଡୱାନୀ ଏବେ ଲାଜରେ ଝାଉଁଳି ପଡୁଛନ୍ତି। ତାହା କ'ଣ ଜାଣନ୍ତି ? ପ୍ରେମ। ସେ ଏବେ କୁଆଡେ ଜଣେ ବିଦେଶୀ ପ୍ରେମିକଙ୍କ ପ୍ରେମରେ ଉବୁଟୁବୁ। ହେଲେ ଯେତେବେଳେ ଏ ନେଇ ତାଙ୍କୁ କେହି ପଚାରୁଛନ୍ତି ସେ ଲାଜେଇ ଲାଜେଇ ଉତ୍ତର ଦେଉଛନ୍ତି ଯେ, 'ଏବେ ଯାହାଙ୍କ ସହ ମୋ ନାମକୁ ଯୋଡ଼ା ଯାଉଛି ତାଙ୍କ ସହ ମୋର ପ୍ରେମ ସମ୍ପର୍କ ନାହିଁ। ସେ ମୋର ଜଣେ ବେଷ୍ଟ ଫ୍ରେଣ୍ଡ। ଆମର ଫ୍ରେଣ୍ଡଶିପ୍‌କୁ ଭିନ୍ନ ଦୃଷ୍ଟିରେ ଦେଖିବା ଆଦୌ ଠିକ୍ ନୁହେଁ। ମୁଁ କାହାକୁ ପ୍ରେମ କରୁଛି, କାହାକୁ ବିବାହ କରିବି, ତାହା ଆରେଞ୍ଜ୍‌ଡ ମ୍ୟାରେଜ ହେବ ନା ଲଭ୍ ମ୍ୟାରେଜ୍ ତାହା ସମୟ ଆସିଲେ ସମସ୍ତଙ୍କୁ ନିଶ୍ଚୟ ଜଣାଇ ଦେବି। ତେଣୁ ସେ କଥାକୁ ଏବେ ଆଲୋଚନା ନ କଲେ ଭଲ।' କିଆରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କମେଡି ଭିତ୍ତିକ ସିନେମା 'ଫୁଗଲି'ରୁ। ଅନୁମନ ଖେରଙ୍କ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆକ୍ଟିଂ କୋର୍ସରେ ଡିଗ୍ରୀ ହାସଲ କରିବା ପରେ ସେ ଅଭିନୟରେ ପାଦ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ନିଜର ମନ ମୁତାବକ ଭୂମିକାଟିଏ ମିଳିନାହିଁ ବୋଲି କହି ବୁଲୁଛନ୍ତି କିଆରା।



କିଆରା



ତୁଷାର

## ଇମୋଶନାଲ ତୁଷାର

**ତୁ**ଷାର କପୁର ବଲିଉଡ୍‌ରେ ଏଣ୍ଟ୍ରି କରିବାର ଇତି ମଧ୍ୟରେ ଦୁଇ ଦଶନ୍ଧି ଅର୍ଥାତ ୨୦ବର୍ଷ ହୋଇଗଲାଣି। ହେଲେ ୟା ଭିତରେ ସେ ଯେଉଁ କେତୋଟି ସିନେମାରେ ଅଭିନୟ କରିଛନ୍ତି ତାହା ତାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହୋଇଛି ତାହା କହିବା ଅନାବଶ୍ୟକ। କାରଣ ଜଣେ ଷ୍ଟାର କିଡ୍ ଭାବରେ ସେ ନାୟକ ଦୌଡ଼ରେ ବେଶ୍ ପଛରେ ପଡ଼ିଯାଇଛନ୍ତି। ହେଲେ ଏ ନେଇ ତାଙ୍କର ଟିକିଏ ହେଲେ ଅନୁଶୋଚନା ନାହିଁ। କାରଣ ଯେତେବେଳେ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କଲେ ସେତେବେଳେ ସେ ଦର୍ଶକଙ୍କ ହାତରେ ନିଜ ଭବିଷ୍ୟତକୁ ଛାଡ଼ି ଦେଇଥିଲେ। ''ଆଜି ମୁଁ ଯେଉଁଠି ଅଛି ଠିକ୍ ଅଛି। ବଲିଉଡ୍‌ର ଆକ୍ଟିଂ କରିବାର ଇଚ୍ଛା ଥିଲା, ତାହା ପୂରଣ ହୋଇଛି। ଦର୍ଶକ ମୋ ପ୍ରତି ଯେତିକି ଭଲ ପାଇବା ଦେଇଛନ୍ତି ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ ହୋଇ ରହିବି'' ବୋଲି କହନ୍ତି ୪୪ ବର୍ଷ ବୟସ୍କ ତୁଷାର।



ସ୍ୱରାଜ

## ଅପେକ୍ଷାର ଫଳ ମିଠା

**କ**ଥାରେ ଅଛି ଅପେକ୍ଷାର ଫଳ ମିଠା। ତେବେ କୋଭିଡ୍ ମହାମାରୀ ପରେ ଏବେ ସୀମିତ ଦର୍ଶକଙ୍କୁ ନେଇ ପ୍ରେକ୍ଷାଳୟ ଖୋଲିବାକୁ ଅନୁମତି ମିଳିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ 'ଦିଲ୍ ମୋର ମାନେନା' ଏବେ ରିଲିଜ ଅପେକ୍ଷାରେ ରହିଛି। ଆଉ ବିଳମ୍ବରେ ହେଲେ ମଧ୍ୟ ରିଲିଜ ପରେ ଫିଲ୍ମର ସଫଳତାକୁ ନେଇ ଆଶା ବାନ୍ଧି ବସିଛନ୍ତି ଏହାର ଅନ୍ୟତମ ପ୍ରଯୋଜିକା ଛବିତା ମାର୍ଥା। ବାପୁନୀ କୁମାରଙ୍କ ପ୍ରଯୋଜିତ ଏବଂ ଆର.ଆର୍.ସି. ବ୍ୟାନରରେ ଏହାର ସମସ୍ତ କାମ ଶେଷ ହୋଇଛି। ଉକ୍ତ ଚଳଚ୍ଚିତ୍ରର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲବୁଲି ଶିବାନୀ। ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ତେବେ ରିଲିଜ ହେବା ପରେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜଣାପଡ଼ିବ।



ସାରା

## ଗୀତ ଗାଇବେ ସାରା

**ସା**ରା ଅଲ୍ଲୀ ଖାଁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଯେମିତି ହେଲେ ସିଙ୍ଗିଷ୍ଟ ଷ୍ଟାର ହେବେ। ଅର୍ଥାତ୍ ଅଭିନୟ ସାଙ୍ଗକୁ ଗୀତ ମଧ୍ୟ ଗାଇବେ। ତେଣୁ ଜଣେ ଭଲ ସଙ୍ଗୀତ ଗୁରୁ ସନ୍ଧାନରେ ଅଛନ୍ତି ଏହି ଅଭିନେତ୍ରୀ। ଏ ନେଇ ସାରା କହନ୍ତି, 'ପିଲାଟି ଦିନରୁ ଗୀତ ଶୁଣିବା ମୋର ଅଭ୍ୟାସ। ତା' ସହ ଗୁଣୁ ଗୁଣୁ ହୋଇ ଗୀତ ମଧ୍ୟ ଗାଏ। ଏବେ ଭାବୁଛି ଯେ ବାଥରୁମ ସିଙ୍ଗର ହେବା ଅପେକ୍ଷା ବାସ୍ତବ କ୍ଷେତ୍ରରେ ଗୀତ ଗାଇଲେ କ୍ଷତି କ'ଣ ? ଯେତେବେଳେ ମୋର ଏଭଳି ଆଶାକୁ ପାପା ସୈଫଙ୍କୁ କହିଲି ସେ ମୋତେ ଆଗେଇବାକୁ ପରାମର୍ଶ ଦେଇଛନ୍ତି। ଏ ନେଇ ନିଜକୁ ମଧ୍ୟ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। କେବଳ ଜଣେ ସଙ୍ଗୀତ ଗୁରୁ ମିଳିଗଲେ ମୋ ଲକ୍ଷ୍ୟ ପଥରେ ମୁଁ ଆଗେଇବି।' ତେବେ ସାରା କେବେ ଗାୟିକା ସାଜୁଛନ୍ତି ଏବଂ ତାଙ୍କର ଦୀର୍ଘ ଦିନର ଏପରି ଆଶା ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ପରଫେକ୍ଟ ଟଏସ



ଦୀପିକା

**ଦୀ**ପିକା ପାଦୁକୋନ୍ ଘର ସଂସାର କରିବା କିଛି ବର୍ଷ ହୋଇଗଲାଣି। ପ୍ରେମିକ ରଣବୀର ସିଂଙ୍କ ସହ ତାଙ୍କର ବୈବାହିକ ଜୀବନ ବେଶ୍ ସୁରୁଖୁରୁରେ ଚାଲିଛି। ହେଲେ ଏହାପୂର୍ବରୁ କେତେ ଜଣ ସେଲିବ୍ରିଟିଙ୍କ ସହ ତାଙ୍କ ନାମକୁ ଯୋଡ଼ାଯାଉଥିଲା, ଯେଉଁ କଥାକୁ ସେ ନିଜେ ସ୍ୱୀକାର କରିଛନ୍ତି। ହେଲେ ଯାହାକୁ ବିବାହ କରିଛନ୍ତି ସେ ହିଁ ପରଫେକ୍ଟ ଟଏସ ବୋଲି କହି ବୁଲୁଛନ୍ତି ଦୀପିକା। ଏ ନେଇ ସେ କହନ୍ତି, 'ରଣବୀରଙ୍କ ସହ ମୋର ପ୍ରଥମେ ୨୦୧୨ରେ ସାକ୍ଷାତ ହୋଇଥିଲା। ପ୍ରଥମ ଦେଖାରେ ହିଁ ମୁଁ ତାଙ୍କ ପ୍ରେମରେ ପଡ଼ିଯାଇଥିଲି। ତା'ପରେ ଯାହା ସବୁ ଘଟିଛି ତାହାକୁ ମୁଁ ଦୋହରାଇବାକୁ ଚାହେଁ ନାହିଁ। ହେଲେ ମୋ ମ୍ୟାରେଜ ପୂର୍ବରୁ ମୋ ନାମକୁ ଅନେକଙ୍କ ସହ ଯୋଡ଼ା ଯାଉଥିଲା। ତାହା ସତ ବୋଲି ମୁଁ ମାନୁଛି, ହେଲେ ସେହି କଥା ଏବେ ଅତୀତ। ମୁଁ ଯାହାଙ୍କୁ ଲାଇଫ ପାର୍ଟନର ଭାବରେ ବାଛିଚି ସେ ମୋ ପାଇଁ ସବୁକିଛି। ମୋ କ୍ୟାରିୟରକୁ ନୂଆ ମୋଡ଼ ଦେବାରେ ରଣବୀରଙ୍କ ଯେଉଁ ଭୂମିକା ରହିଛି ତାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ।' ସୂଚନାଯୋଗ୍ୟ, ରଣବୀର-ଦୀପିକାଙ୍କୁ ନେଇ ନିର୍ମିତ କପିଳ ଦେବଙ୍କ ବାୟୋପିକ୍ '୮୩' ରିଲିଜ ଅପେକ୍ଷାରେ ରହିଛି।

# କଥା ବାପା-ପୁଅର

**ମା'**-ବାପାଙ୍କୁ ଜୀବନ୍ତ ଭଗବାନ ଭାବରେ ଗ୍ରହଣ କରାଯାଇଥାଏ। ପିଲାଟିକୁ ଜନ୍ମ ଦେବା ପରେ ତାହାର ଲାଳନ ପାଳନ କରିବା, ତାକୁ ପାଠ ପଢ଼ାଇବା, ମଣିଷ କରିବା ପଛରେ ଏମାନଙ୍କର ଭୂମିକା କେତେ ରହିଛି ତାହା କହିବା ବାହୁଲ୍ୟ। ଠିକ୍ ସେହିପରି ମା'-ବାପାଙ୍କ ପାଇଁ ବୃଦ୍ଧାବସ୍ଥାରେ ପିଲାମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ଏହାକୁ ଆଧାର କରି ମନକୁ ଛୁଇଁଲା ଭଳି କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ହମ୍ କିସିସେ କମ୍ ନେହିଁ'। କ୍ରିଷ୍ଣା ଫିଲ୍ମସ ବ୍ୟାନରରେ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଖାସ୍ କଥା ହେଲା, ନୂଆ ଯୋଡ଼ି ରୋଶନ-ସୁର୍ଭିଙ୍କୁ ଏଥିରେ ବ୍ରେକ୍ ମିଳିଛି। ସୁନୀଲ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଉଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଚିତ୍ରର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଏହାର ନିର୍ଦ୍ଦେଶକ ଟି. ଗଣେଶ। ରୋଶନ ଏବଂ ସୁର୍ଭିଙ୍କ ବ୍ୟତୀତ ଶୁଭ୍ରାଂଶୁ, ସଙ୍ଗୀତା, କରନ୍, ଖୁସି, ସରୋଜ ଦାସ, ରବି ମିଶ୍ର, ଇଲୁ ବାନାର୍ଜୀ, ଖଳନାୟକ ଭାବରେ ଆର.କେ. ଅଭିନୟ କରୁଛନ୍ତି।



ରୋଶନ-ସୁର୍ଭି

ପ୍ରଥମ ରୋଜଗାର

# ଜେଜେବାପାଙ୍କ ୫ ପଇସା ଥିଲା ମୋ ପ୍ରକୃତ ରୋଜଗାର



ସମ୍ପାଦିକା ତଥା ସାମାଜିକ କର୍ମୀ **ମମତା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା ନିମାପଡ଼ାର ଅଣ୍ଟିଆଶାସନ ଗାଁରେ ମୋ ଜନ୍ମ। ନନା(ବାପା) ଯେହେତୁ ରାଉରକେଲାରେ ଚାକିରି କରୁଥିଲେ ତେଣୁ ମୋ ପାଠପଢ଼ା ସେଠାରେ ହୋଇଥିଲା। ଆର୍.ଇ.ସି. କ୍ୟାମ୍ପସ୍ ହାଇସ୍କୁଲ୍‌ରୁ ମାଟ୍ରିକ୍ ଓ ଏସ୍.କେ ଡି.ଏ.ଭି. ସରକାରୀ ମହିଳା ମହାବିଦ୍ୟାଳୟରୁ ଆଇ.ଏସ୍‌ସି. ସାରିବା ପରେ ରେଭେନ୍ସାରେ ଗଣିତ ସମ୍ମାନ ରଖି ବି.ଏସ୍‌ସି. ଆଉ ତା'ପରେ ରିଜିଓନାଲ୍ ଇଞ୍ଜିନିୟରିଂ କଲେଜରୁ ଏମ୍.ଏସ୍‌ସି. ପଢ଼ା ସାରିଥିଲି। ତା'ସହିତ କମ୍ପ୍ୟୁଟର୍‌ରେ ପି.ଜି. ଡିପ୍ଲୋମା କୋର୍ସ ବି କରିଥିଲି। ଅଧ୍ୟାପିକା ଚାକିରି କରିବାକୁ ଇଚ୍ଛା ହେବାରୁ ବାପାଙ୍କୁ ଜଣାଇଲି। ହେଲେ ବାପା କହିଲେ, 'ଚାକିରି କରି ଟଙ୍କା ରୋଜଗାର କରିବାଟା ବଡ଼ କଥା ନୁହେଁ। ମୁଖ୍ୟ କଥା ହେଉଛି ତୁ କେଉଁ କାମ କରିପାରିବୁ ଆଉ ସେଥିରେ କେତେ ସଫଳ ହୋଇପାରିବୁ। ତେଣୁ ନିଜକୁ ପ୍ରଥମେ ପ୍ରମାଣ କରିବାକୁ ଚେଷ୍ଟା କର'। ସେଥିପାଇଁ ମୁଁ ପ୍ରଥମେ ଏମ୍.ଜି.ଏମ୍. ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଶିକ୍ଷକତା କଲି, ସେ ପୁଣି ମାଗଣାରେ। ଦେଖିଲି ମୋ ପାଠପଢ଼ାକୁ ପିଲାମାନେ ଭଲ ବୁଝୁଛନ୍ତି, ଆଉ ପରୀକ୍ଷାରେ ଭଲ କରିପାରୁଛନ୍ତି। କେବଳ ଛୋଟପିଲା ନୁହେଁ ଯୁକ୍ତ ୨, ଯୁକ୍ତ ୩ ବିଜ୍ଞାନ ପଢୁଥିବା କଲେଜ ପିଲାମାନେ ବି ଅନେକ ସମୟରେ ମୋଠାରୁ ପାଠ ବୁଝିକି ଯାଇ ପରୀକ୍ଷାରେ ଭଲ ମାର୍କ ରଖୁଥିଲେ। ବାସ୍ ତା'ପରେ ମୋ ଭିତରେ ଆତ୍ମବିଶ୍ୱାସ ଆସିଥିଲା ଯେ, ମୁଁ ଅଧ୍ୟାପିକାର ଦାୟିତ୍ୱକୁ ମଧ୍ୟ ସୁଚାରୁରୂପେ ତୁଲାଇପାରିବି। ହେଲେ ମୋ କପାଳରେ ହୁଏତ ଚାକିରି କରିବାଟା ଲେଖା ନ ଥିଲା। କାରଣ ମୋ ବାହାଘର ହଠାତ୍ ଠିକ୍ ହୋଇଗଲା। ଶାଶୁଘର ବାଲେଶ୍ୱରରେ ହୋଇଥିଲେ ହେଁ ସ୍ୱାମୀ ଯେହେତୁ ଦିଲ୍ଲୀରେ ରହି ବ୍ୟବସାୟ କରୁଥିଲେ, ତେଣୁ ମୋତେ ଦିଲ୍ଲୀରେ ଯାଇ ରହିବାକୁ ପଡ଼ିଲା। ତା'ପରେ ପୁଅ ଜନ୍ମ ନେଲା। ସାଂସାରିକ ଜଞ୍ଜାଳ ଭିତରେ ଧୀରେ ଧୀରେ ବାନ୍ଧି ହୋଇଗଲି। ପୁଅକୁ ୩ ବର୍ଷ ହେବା ପରେ ସ୍ୱାମୀ ଦିଲ୍ଲୀ ବ୍ୟବସାୟକୁ ବନ୍ଦ କରି ବାଲେଶ୍ୱରରେ ଅଟୋ ମୋବାଇଲ୍ ବ୍ୟବସାୟ ଆରମ୍ଭ କଲେ, ଯାହାର ଡାଇରେକ୍ଟର ଭାବେ ଦାୟିତ୍ୱ ମୋତେ ବୁଝିବାକୁ ଦେଲେ। ଦୀର୍ଘ ୨୦ ବର୍ଷ ଏହି ଦାୟିତ୍ୱ ସମ୍ଭାଳିଥିଲି। ତା'ପରେ ମୋ ଶାଶୁ ମୋତେ ଏକ ନୂଆ ଦାୟିତ୍ୱ ଦେଲେ। ଶାଶୁ ଡା.ରାଧା ଦେବୀ ଓ ଶ୍ୱଶୁର ଡ.ଶ୍ୟାମସୁନ୍ଦର ମହାପାତ୍ରଙ୍କ ମିଳିତ ପ୍ରଚେଷ୍ଟାରେ ୧୯୬୧ ମସିହାରୁ 'ଯୁଗନାରୀ' ନାମରେ ଏକ ମାସିକ ନାରୀ ପତ୍ରିକା ପ୍ରକାଶ ପାଇଆସୁଥିଲା, ଯାହା ପରବର୍ତ୍ତୀ ସମୟରେ ଆର୍‌ଏନ୍‌ଆଇ ରେଜିଷ୍ଟ୍ରେଶନ ପାଇ 'ଯୁଗଶ୍ରୀ ଯୁଗନାରୀ' ନାମରେ ନାମିତ ହୋଇଥିଲା। ଆଉ ଯାହାର ପ୍ରକାଶିକା ଓ ସମ୍ପାଦିକା ଥିଲେ ମୋ ଶାଶୁ। ଦେହ ଖରାପ ହେବାରୁ ୨୦୦୫ରେ ସେ ମୋତେ ପ୍ରକାଶିକା ଓ କାର୍ଯ୍ୟକାରୀ ସମ୍ପାଦିକାର ଦାୟିତ୍ୱ ଦେଲେ। ୨୦୦୮ ମେ ୩୧ରେ ଏହି ମହୀୟସୀ ନାରୀଙ୍କର ଦେହାନ୍ତ ହେବା ପରେ ଜୁନ୍‌ରୁ ମୁଁ ଏହି ପତ୍ରିକାର ସମ୍ପାଦିକା ଦାୟିତ୍ୱ ମଧ୍ୟ ତୁଲାଉଅଛି। ପ୍ରତିଭା ସମ୍ପନ୍ନ ମହିଳାମାନଙ୍କର ସଫଳତାର କାହାଣୀକୁ ପାଠକଙ୍କ ନିକଟରେ ପହଞ୍ଚାଇବା ସହ ବିବିଧ ଦିଗରେ ସେମାନଙ୍କର କିପରି ଜ୍ଞାନବୃଦ୍ଧି ହୋଇପାରିବ, ତାହା ହେଉଛି ଏହି ପ୍ରତିକାର ମୂଳ ଲକ୍ଷ୍ୟ। ପତ୍ରିକାର ସମ୍ପୂର୍ଣ୍ଣ ଦାୟିତ୍ୱ ବୁଝିବା ସହ ୨୦୧୦ ମସିହାରୁ 'ଜାଗୃତି' ନାମରେ ଏକ ମାନବସେବା ଅନୁଷ୍ଠାନ ପ୍ରତିଷ୍ଠା କରି ଅନେକ ସମାଜମଙ୍ଗଳ କାମରେ ମଧ୍ୟ ନିଜକୁ ସାମିଲ କରିପାରିଛି। ଏଥିସହିତ ନୀତିଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ ତଥା ଲିଙ୍ଗଗତ ଭେଦଭାବକୁ ନେଇ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଅନେକ ସେମିନାର୍ ପ୍ରେଜେଣ୍ଟେଶନ କରି ବହୁ ସମ୍ମାନିତ ଓ ପ୍ରଶଂସିତ ମଧ୍ୟ ହୋଇଛି। ତେବେ ମୁଖ୍ୟ କଥା ହେଉଛି, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାୟିତ୍ୱ ନେଇ ହୁଏତ ମୁଁ ଅନେକ ସମ୍ମାନ ପାଇବା ସହ ରୋଜଗାର କରିଥାଇପାରେ, କିନ୍ତୁ ପିଲାଦିନେ ମୋ ଜେଜେବାପାଙ୍କଠାରୁ ସ୍ନେହରେ ପାଉଥିବା ମାତ୍ର ୫ ପଇସାର ମୂଲ୍ୟ ଆଗରେ ଏସବୁ କିଛି ଫିକା ଲାଗେ। ରାଉରକେଲାରେ ଥିଲାବେଳେ ଜେଜେବାପା ଯେତେବେଳେ ବି ଆସନ୍ତି, ମୋତେ ୫ ପଇସା ଦେଇଥାନ୍ତି। କାରଣ ମୁଁ ସେତେବେଳେ କେବଳ ୫ ପଇସାକୁ ଭଲ ଭାବେ ଚିହ୍ନିଥାଏ। ଆଉ ଯେତେ ପଇସା ଦେଲେ ବି ନିଏ ନାହିଁ। ଆଉ ତାଙ୍କଠାରୁ ପାଉଥିବା ସବୁ ୫ ପଇସାକୁ ମୁଁ ମୋ ମାଟିଘଡିରେ ସାଇତି ରଖେ। ଦୁର୍ଭାଗ୍ୟ ଖୁବ୍ କମ୍ ଦିନ ଭିତରେ ମୋ ଜେଜେବାପା ଆରପାରିକୁ ଚାଲିଗଲେ। ତାଙ୍କ ମୃତ୍ୟୁ ପରେ ମୁଁ ତାଙ୍କୁ ବହୁତ ଝୁରି ଥିଲି। ସମସ୍ତେ କହୁଥିଲେ ସେ କୁଆଡ଼େ ଆକାଶରେ ତାରା ହୋଇଯାଇଛନ୍ତି। ତେଣୁ ଦିନେ ମନଦୁଃଖରେ ମୋ ବୋଉଙ୍କୁ ନେଇ ସେହି ୫ ପଇସା ଭର୍ତ୍ତି ହୋଇଥିବା ମାଟିଘଡ଼ିକୁ ଦେଇଦେଲି ଆଉ କହିଲି, ମୋ ଜେଜେବାପା ତ ମୋ ପାଖେ ନାହାନ୍ତି ୟାକୁ ରଖି ଆଉ କ'ଣ କରିବି। ସତରେ ସେହି ୫ ପଇସା ହିଁ ଥିଲା ମୋର ପ୍ରଥମ ଆଉ ପ୍ରକୃତ ରୋଜଗାର।

*–ଅନ୍ୱିତା*

# ଚାହାଣୀରୁ ଝରେ ପ୍ରେମର ରସ, ସହଜେ ଫିଟେନା ପ୍ରେମର ଫାସ



ସାଥୀ

**ପ୍ରଶ୍ନ**–ସେହି ସୁନ୍ଦରୀର ଚାହାଣୀ ମୋତେ ଘାଇଲା କରିଛି। ମୋତେ ଯେମିତି ଲାଗୁଛି ତା' ମନ ରାଇଜରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଛି। ହେଲେ ଏକଥା କେମିତି ଜାଣିବି ?

*–ଏମ୍.କେ. ବ୍ରହ୍ମପୁର*

**ଉତ୍ତର :** ସୁନ୍ଦରୀ ହସରେ ଆପଣ ଫୁଲ୍ ଫସି ଯାଇଛନ୍ତି। ଏପରି କି ଲାଗୁଛି, ତାକୁ ଆପଣ ମନେ ମନେ ଶହେ ପରସେଣ୍ଟ ଲଭ୍ କରିସାରିଲେଣି। କେବଳ ଯାହା କଥା ମାଧ୍ୟମରେ ଫାଇନାଲ ହେବାର ଅଛି। ତା' ହସକୁ ଭଲ ଭାବରେ ଷ୍ଟଡି କରିଛନ୍ତି ତ ? ଯଦି ହଁ, ସେଥିରୁ ପ୍ରେମର ବାସ୍ନା ବାରି ପାରୁଛନ୍ତି ତ ? ଏହାର ଉତ୍ତର ଯଦି 'ହଁ' ତେବେ ଶୁଭସ୍ୟ ଶୀଘ୍ରମ। ଡେରି କଲେ ଗଡବଡ ହେବାର ଚାନ୍ସ ଅଛି। ତେଣୁ ବିଳମ୍ବ ନ କରି ଶୀଘ୍ର ଫାଇନାଲ କରିବା ହିଁ ଭଲ ହେବ। କାରଣ 'ଚାହାଣୀରୁ ଝରେ ପ୍ରେମର ହସ, ସହଜେ ଫିଟେନା ପ୍ରେମର ଫାସ'।

**ପ୍ରଶ୍ନ**–ଜଣେ ଝିଅ କଥାରେ ବିଶ୍ୱାସ କରି ତାକୁ ପ୍ରେମ କରି ବସିଲି। ହେଲେ ଏବେ ବିବାହ କଥା କହିଲା ବେଳକୁ ସେ ରାଜି ହେଉନି। କ'ଣ କରିବି ?

*–ତପନ ସାହୁ, କେନ୍ଦ୍ରାପଡା*

**ଉତ୍ତର :** ଆପଣଙ୍କ ପ୍ରେମରେ କେଉଁଠି ଟିକେ କେଁ ରହିଯାଇଛି। ଦୁହେଁ ଦୁହିଁଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି, ହେଲେ ବିବାହ କଥା ବେଳକୁ ସେ ରାଜି ହେଉନି। ତେଣୁ ଏ ନେଇ ପ୍ରେମିକାର ପ୍ରୋବ୍ଲେମ କ'ଣ ତାହା ପ୍ରଥମେ ଅବଗତ ହୁଅନ୍ତୁ। ସେ କାହିଁକି ରାଜି ହେଉନି ତାହା ନଜାଣି ତାକୁ ବାହା ହେବାକୁ ବାଉଳି ହେଲେ ଲାଭ କ'ଣ ? ତେଣୁ ମଗଜ ଖଟାଇ ଅସଲ ସମସ୍ୟାକୁ ବାହାର କରି ତାହାର ସମାଧାନ କରନ୍ତୁ। ନ ହେଲେ ଏମିତି ଅଧା ବାଟରେ ସନ୍ତୁଳି ହେଉଥିବେ।

**ପ୍ରଶ୍ନ**–କହନ୍ତି ସୁନ୍ଦରୀ ପ୍ରେମ ମିଠା। ଏକଥା କ'ଣ ସତ ?

*–ପ୍ରକାଶ ରାଉତ, ସୁନାବେଡା*

**ଉତ୍ତର :** ପ୍ରେମ ସୌନ୍ଦର୍ଯ୍ୟରେ ଲୁଚି ରହି ନ ଥାଏ। ପ୍ରେମର ଅସଲ ସ୍ଥାନ ହେଉଛି ହୃଦୟ। ଯଦି ତା' ହୃଦୟରେ ଆପଣଙ୍କ ପାଇଁ ଭଲ ପାଇବା ଅଛି ଆଉ ଆପଣ ତାକୁ ମନ ପ୍ରାଣ ଦେଇ ଲଭ୍ କରୁଛନ୍ତି ତେବେ ଆପଣଙ୍କ ପ୍ରେମ 'ମଧୁରେଣ ସମାପୟେତ' ହେବାର ଯଥେଷ୍ଟ ଚାନ୍ସ ରହିଛି। ପ୍ରେମିକା ସୁନ୍ଦରୀ ହେଉ କି ଅସୁନ୍ଦରୀ ତା' ମନ ଯଦି ନିର୍ମଳ ଥାଏ ଏବଂ ସେ ନିଜକୁ ପ୍ରେମ ପ୍ରତି ସମର୍ପିତ କରିଦେଇଥାଏ, ତେବେ ସେହି ପ୍ରେମ ରସଗୋଲା ପରି ମିଠା ଲାଗେ। ତେଣୁ ସୌନ୍ଦର୍ଯ୍ୟ ପଛରେ ନ ଗୋଡାଇ ପ୍ରେମିକାର ମନ ଭିତରେ ପରମାନେଣ୍ଟ ଘର କରି ରହିପାରିଲେ, ଆପଣଙ୍କ ପ୍ରେମ ସବୁବେଳେ ମିଠା ଲାଗିବ।

**ପ୍ରଶ୍ନ**–ପ୍ରେମ କରି କରି ଥକି ପଡିଲିଣି। ଏବେ କ'ଣ କରିବି ?

*–ସୁନୀଲ, ଜଟଣୀ, ଖୋର୍ଦ୍ଧା*

**ଉତ୍ତର :** ପ୍ରେମ କରି କରି ଥକି ପଡିଲେଣି ଅର୍ଥାତ୍, ଆପଣ କେଉଁଠି ହେଲେ ପରମାନେଣ୍ଟ ବହି ଫିଟ୍ କରିପାରୁନାହାନ୍ତି। ତେଣୁ ଯେଉଁ ପ୍ରେମ କରୁଛନ୍ତି ତାହା ଅଢ଼େଇ ଦିନରେ ଭାଙ୍ଗି ଯାଉଛି। ଏମିତି ପ୍ରେମ କଲେ ଆପଣଙ୍କୁ କ'ଣ ଲାଭ ମିଳୁଛି ତାହା କେବଳ ଆପଣ ହିଁ ଜାଣନ୍ତି। ଯଦି ପ୍ରେମ କରି କରି ଫେଡ୍ ଅପ୍ ହୋଇଗଲେଣି, ତେବେ ମନରେ ଶାନ୍ତି ଆଣିବାକୁ ନିଛାଟିଆ ଜାଗାରେ ତପସ୍ୟା କରନ୍ତୁ ନା !



# ନିଆରା ପ୍ରଜାପତି

**ପ୍ରଜାପତି କାହାକୁ ବା ସୁନ୍ଦର ନ ଲାଗେ! ସେମାନଙ୍କ ଶରୀରର ଆକର୍ଷଣୀୟ ରଙ୍ଗ ହେଉ କିମ୍ବା ଗଠନଶୈଳୀ, ସବୁକିଛି କାହିଁକି କେଜାଣି ଭାରି ମନୋମୁଗ୍ଧକର ଲାଗେ। ଏଠାରେ ସେମିତି କେତୋଟି ଭିନ୍ନଭିନ୍ନ ପ୍ରକାରର ପ୍ରଜାପତି ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନଙ୍କର ଆକର୍ଷଣୀୟ ଗଠନଶୈଳୀ ହିଁ ସେମାନଙ୍କୁ ଭିନ୍ନ ପରିଚିତି ଦେଇଛି...**









**ଶୁଖିଲା ପତ୍ର ପରି ପ୍ରଜାପତି:** ଇଣ୍ଡିଆନ୍ ଓକ୍‌ଲିଫ୍ ବା ଡେଡ୍ ଲିଫ୍ ବଟର୍‌ଫ୍ଲାଏ ଭାବେ ପରିଚିତ ଏହି ପ୍ରଜାପତିଟିର ଶାରୀରିକ ଗଠନ ଶୈଳୀ ଏମିତି ଭାବେ ହୋଇଥାଏ, ଯାହାକୁ ହଠାତ୍ ଦେଖିଲେ ଜଣେ ଆଶ୍ଚର୍ଯ୍ୟ ହୋଇଯିବ ଯେ, ଏହା ଏକ ପ୍ରଜାପତି ନା ଏକ ଶୁଖିଲା ପତ୍ର। କାରଣ ଏହାର ଡେଣା ଦୁଇଟି ଅବିକଳ ଶୁଖିଲା ପତ୍ର ଭଳି ଦେଖାଯାଇଥାଏ। ଏମାନେ ମୁଖ୍ୟତଃ ଏସିଆ ମହାଦେଶର ବିଭିନ୍ନ ଜଙ୍ଗଲରେ ଦେଖାଯାଇଥାଆନ୍ତି।

**କାଚ ଡେଣା ଥିବା ପ୍ରଜାପତି:** ଗ୍ଲାସ୍‌ଉଇଙ୍ଗ୍ ବଟରଫ୍ଲାଏ ବା ଟ୍ରାନ୍ସପରେଣ୍ଟ ବଟରଫ୍ଲାଏ ଭାବେ ଏହି ପ୍ରଜାପତି ବେଶ୍ ଜଣାଶୁଣା। ଏହାର ନାମ ଯେମିତି ଅବିକଳ, ଗଠନଶୈଳୀ ବି ଠିକ୍ ସେମିତି ହୋଇଥାଏ। ଅର୍ଥାତ୍ ଏହି ପ୍ରଜାପତିଟିର ଡେଣା କାଚ ଭଳି ସମ୍ପୂର୍ଣ୍ଣ ସ୍ୱଚ୍ଛ। ଫଳରେ ସହଜରେ କୌଣସି ପକ୍ଷୀ କିମ୍ବା ସରୀସୃପ ଏହାକୁ ଶିକାର କରିପାରନ୍ତି ନାହିଁ। କଲମ୍ବିଆ ଓ ମେକ୍ସିକୋରେ ଏମାନେ ବହୁଳ ମାତ୍ରାରେ ଦେଖାଯାଇଥାଆନ୍ତି।

**ପେଚା ଆଖି ସଦୃଶ ପ୍ରଜାପତି:** ଏହା ଜିଆଣ୍ଟ ଓଲ୍ ଫରେଷ୍ଟ ବଟରଫ୍ଲାଏ ବା ଓଲ୍ ବଟରଫ୍ଲାଏ ଭାବେ ଜଣାଶୁଣା। ମୁଖ୍ୟତଃ ଏହି ପ୍ରଜାପତି ଡେଣାରେ ଅବିକଳ ପେଚାର ଆଖି ସଦୃଶ ଏକ ଦାଗ ରହିଥାଏ। ଖାସ୍ ଏହି ଦାଗ ପାଇଁ ହିଁ ଉକ୍ତ ପ୍ରଜାତିର ପ୍ରଜାପତିମାନେ ସେମାନଙ୍କ ଶତ୍ରୁକୁ ଭୁଆଁ ବୁଲାଇ ଦିଅନ୍ତି। ଏମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖାଯାଇଥାଆନ୍ତି।

**୫୫ ନମ୍ବରର ପ୍ରଜାପତି:** ଡେଣାରେ ଇଂରାଜୀ ନମ୍ବର ୫୫ର ଚିତ୍ର ଥିବା ଏହି ସ୍ୱତନ୍ତ୍ର ଧରଣର ପ୍ରଜାପତି ମଧ୍ୟ ଓ ଦକ୍ଷିଣ ଆମେରିକାରେ ବହୁଳ ଭାବରେ ଦେଖାଯାଇଥାଆନ୍ତି। ଏଣୁ ସେଇଥିପାଇଁ ଏହାର ନାମ ଏଇଟି ଏଇଟ୍ ବଟର୍‌ଫ୍ଲାଏ ରଖାଯାଇଛି।

**ମୟୂର ଆଖି ଥିବା ପ୍ରଜାପତି:** ସମ୍ପୃକ୍ତ ପ୍ରଜାପତିର ରଙ୍ଗ ସାମାନ୍ୟ ହଳଦିଆ ହୋଇଥିଲେ ହେଁ ଏହାର ଡେଣାରେ ମୟୂରର ଆଖି ସଦୃଶ ଏକ ଦାଗ ରହିଥାଏ। ସେଇଥିପାଇଁ ଏହାର ନାମ ପିକକ୍ ପାନ୍‌ସି ବା ପିକକ୍ ଆଇସ୍ପଟ୍ ବଟରଫ୍ଲାଏ ରଖାଯାଇଛି। ଏମାନେ ମୁଖ୍ୟତଃ ଦକ୍ଷିଣ ଏସିଆର ବିଭିନ୍ନ ସ୍ଥାନରେ ଦେଖାଯାଇଥାଆନ୍ତି।

**ଜେବ୍ରା ଦେହର ଚିତ୍ର ଥିବା ପ୍ରଜାପତି:** ଜେବ୍ରା ଦେହରେ ଯେମିତି କଳାଧଳା ଗାର ଥାଏ, ଅବିକଳ ସେହି ଡିଜାଇନ୍‌ର ଗାର ଏହି ପ୍ରଜାପତିର ଡେଣାରେ ରହିଥାଏ। ତା’ଛଡ଼ା ଅନ୍ୟ ପ୍ରଜାତିର ପ୍ରଜାପତିଙ୍କ ତୁଳନାରେ ଏହି ପ୍ରଜାପତିର ଡେଣା ଟିକେ ଲମ୍ବା। ସେଥିପାଇଁ ଏହା ଜେବ୍ରା ଲଙ୍ଗ୍‌ଉଇଙ୍ଗ୍ ବଟର୍‌ଫ୍ଲାଏ ନାମରେ ପରିଚିତ। ଏମାନେ ମଧ୍ୟ ଓ ଦକ୍ଷିଣ ଆମେରିକାରେ ଅଧିକ ଦେଖାଯାଇଥାନ୍ତି।

**ନୀଳ ପ୍ରଜାପତି:** ଏହା ଏକପ୍ରକାର ବଡ଼ ତଥା ସୁନ୍ଦର ପ୍ରଜାପତି। କାରଣ ଏମାନଙ୍କ ଶରୀରର ରଙ୍ଗ ସମ୍ପୂର୍ଣ୍ଣ ନୀଳ ହେବା ସହ ଡେଣାର ଚତୁଃପାର୍ଶ୍ୱରେ ଛିଟଛିଟ କଳାଦାଗ ରହିଛି, ଯାହା ଏମାନଙ୍କୁ ଅଧିକ ସୁନ୍ଦର କରାଇଥାଏ। ସେଥିପାଇଁ ଏମାନଙ୍କୁ ବ୍ଲୁ ମର୍ଫୋ କୁହାଯାଏ। ଏମାନେ ମୁଖ୍ୟତଃ ମଧ୍ୟ ଓ ଦକ୍ଷିଣ ଆମେରିକାର ବିଭିନ୍ନ ଜଙ୍ଗଲରେ ଦେଖାଯାଇଥା’ନ୍ତି।

**ସ୍ୱାଲୋଟେଲ୍ ବଟରଫ୍ଲାଏ:** ଏମାନଙ୍କ ଡେଣାର ତଳଭାଗରେ ଟିକେ ଲାଞ୍ଜ ଥିଲା ଭଳି ଦେଖାଯାଉଥିବାରୁ ଉକ୍ତ ପ୍ରଜାପତିର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ। ବିଶ୍ୱରେ ଏମାନେ ପ୍ରାୟ ୫୫୦ ପ୍ରକାରର ଦେଖାଯାଇଥା’ନ୍ତି। ତେବେ ଏହି ପ୍ରଜାତିର ସବୁଜ ରଙ୍ଗର ପ୍ରଜାପତିଟି ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଇଥାଆନ୍ତି।

**ସିଲ୍‌ଫିନା ଆଞ୍ଜେଲ୍:** ଏହି ପ୍ରଜାପତିଙ୍କର ମଧ୍ୟ ଟ୍ରାନ୍ସପରେଣ୍ଟ ଡେଣା ରହିଛି, କିନ୍ତୁ ଏହାର ମଝିରେ ମଝିରେ ଲମ୍ବାଲମ୍ବା କଳା ଗାର ବି ଅଛି। ତା’ଛଡ଼ା ସିଲ୍‌ଫିନା ଆଞ୍ଜେଲ୍ ନାମରେ ପରିଚିତ ଏହି ପ୍ରଜାପତିଙ୍କର ଟିକେ ଲମ୍ବା ଲାଞ୍ଜ ଥିବା ମଧ୍ୟ ଦେଖାଯାଇଥାଏ। ଏମାନେ ଅଧିକାଂଶ ସମୟ ଗଛର ପତ୍ର ଆଡୁଆଳରେ ରହିବାକୁ ପସନ୍ଦ କରିଥା’ନ୍ତି ଏବଂ ସୂର୍ଯ୍ୟଙ୍କର ପ୍ରଖର କିରଣ ପଡ଼ିବା ସମୟରେ ହିଁ କେବଳ ଏମାନେ ଉଡ଼ିଥାନ୍ତି ଓ ଖାଦ୍ୟ ସଂଗ୍ରହ କରିଥାଆନ୍ତି।

**ଆପୋଲୋ ବଟରଫ୍ଲାଏ:** ସମ୍ପୃକ୍ତ ପ୍ରଜାପତିଙ୍କର ସୁନ୍ଦର ଧଳାରଙ୍ଗର ଡେଣା ଥାଏ ଏବଂ ତା’ ଉପରେ ୪ଟି ନାଲି ରଙ୍ଗର ଛୋଟଛୋଟ ଆଖି ସଦୃଶ ଦାଗ ରହିଥାଏ, ଯାହା ଏମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏମାନେ ମୁଖ୍ୟତଃ ଫ୍ରାନ୍ସ, ସ୍ପେନ୍, ଇଟାଲୀରେ ଦେଖାଯାଇଥା’ନ୍ତି।









# ମଡେଲ ମିରର୍



ନିକିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ: କୁମାର ଶରତ, ଧରିତ୍ରୀ

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଅଭ୍ୟାସ

ମହିଳାଙ୍କୁ ଯୋଗଗୁରୁ- ଯୋଗ କରିବା ପରଠାରୁ ଆପଣଙ୍କ ସ୍ୱାମୀଙ୍କ ମଦ ପିଇବା ଅଭ୍ୟାସରେ କିଛି ପରିବର୍ତ୍ତନ ହେଲାଣି କି ନାହିଁ?

ମହିଳା-ହଁ

ଯୋଗଗୁରୁ- ମୁଁ ଜାଣିଥିଲି ନିଶ୍ଚୟ ପରିବର୍ତ୍ତନ ଆସିବ।

ମହିଳା- ଏବେ ସେ ମୁଣ୍ଡ ତଳକୁ ଓ ଗୋଡ ଉପରକୁ ଅର୍ଥାତ ଶୀର୍ଷାସନ କରି ମଦ ପିଉଛନ୍ତି।

### ବଞ୍ଚିବା

ଶିକ୍ଷକ- ବଞ୍ଚି ରହିବା ପାଇଁ କ'ଣ ଆବଶ୍ୟକ?

ମଣ୍ଟୁ- ଏକ ମୁଲାକାତ ଜରୁରୀ ହୈ..

ଶିକ୍ଷକ- ଇଏ କ'ଣ?

ମଣ୍ଟୁ- ଆପଣ ଏଇ ଗୀତ ଶୁଣି ନାହାନ୍ତି କି? 'ଜିନ୍ଦା ରେହନେ କେଲିୟେ ତେରି କସମ, ଏକ ମୁଲାକାତ ଜରୁରୀ ହୈ ସନମ।'

### କେଉଁଠୁ ଆଣିଲ

ସ୍ତ୍ରୀ ସ୍ୱାମୀଙ୍କୁ- ତମେ ଅଟା କେଉଁଠୁ ଆଣିଥିଲ?

ସ୍ୱାମୀ- କାଇଁ କ'ଣ ହେଲା କି?

ସ୍ତ୍ରୀ- ରୁଟି ଜମା ଭଲ ହେଉନି। ଖାଲି ପୋଡି ଯାଉଛି।


### ସଜନୀ

ସ୍ୱାମୀ ସ୍ତ୍ରୀକୁ- ସଜନୀ ତମେ ତମ କେଶକୁ ସଜାଡି ରଖ।

ସ୍ତ୍ରୀ ଲାଜେଇ କି- ତମେ ବି ନା..

ସ୍ୱାମୀ- ସତ କଥା କହୁଛି ତମେ ଯଦି ଏମିତି ନ କର, ଆଉ ଖାଇବାରୁ ରୁଟି ବାହାରେ ତେବେ ତମକୁ ସଜନୀରୁ ଗଜନୀ ବନେଇ ଦେବି।

# ଗୁଡ଼ି ସଂଗ୍ରହାଳୟ









**ସଂଗ୍ରହାଳୟ ତ ଅନେକେ ଦେଖିଥିବେ ଆଉ ଜାଣିଥିବେ, ହେଲେ ଗୁଡ଼ି ସଂଗ୍ରହାଳୟ ସମ୍ପର୍କରେ ହୁଏତ ଖୁବ୍ କମ୍ ଲୋକ ଅବଗତ ଥିବେ। ଗୁଜରାଟର ଅହମ୍ମଦାବାଦରେ ଅଛି ସେମିତି ଏକ ଗୁଡ଼ି ସଂଗ୍ରହାଳୟ, ଯେଉଁଠାରେ ପର୍ଯ୍ୟଟକ ବିଭିନ୍ନ ଆକୃତିର, ବିଭିନ୍ନ ଡିଜାଇନ୍‌ର ଅନେକ ଗୁଡ଼ି ଦେଖିବାର ସୁଯୋଗ ପାଇପାରିବେ...**

ଗୁଜରାଟର ଅହମ୍ମଦାବାଦରେ ଥିବା ଗୁଡ଼ି ସଂଗ୍ରହାଳୟଟି ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାରେ ପର୍ଯ୍ୟଟକ ବିଭିନ୍ନ ଆକୃତି, ବିଭିନ୍ନ ଡିଜାଇନ୍ ତଥା ବିଭିନ୍ନ ପ୍ରକାର ବସ୍ତୁକୁ ବ୍ୟବହାର କରି ତିଆରି ହୋଇଥିବା ଅନେକ ଭିନ୍ନ ଧରଣର ଗୁଡ଼ି ଦେଖିବାକୁ ପାଇଥାନ୍ତି। ଖାସ୍‌କରି ଏହି ସଂଗ୍ରହାଳୟରେ ସ୍ଥାନ ପାଇଥିବା ମିରର୍ ୱାର୍କ ଗୁଡ଼ି, ୧୬ ଫୁଟ ଉଚ୍ଚତା ବିଶିଷ୍ଟ ଗୁଡ଼ି (ଯେଉଁଥିରେ ଗୁଜରାଟର ଲୋକପ୍ରିୟ ଗରବା ନୃତ୍ୟକୁ ଦର୍ଶାଯାଇଛି), ବ୍ଲକ୍ ଷ୍ଟାଇଲ୍ ଗୁଡ଼ି, ରାଧାକୃଷ୍ଣ ଗୁଡ଼ି ତଥା ବିଭିନ୍ନ ଦେଶର ଗୁଡ଼ି ଇତ୍ୟାଦି ହେଉଛି ମୁଖ୍ୟ ଆକର୍ଷଣ। ସେହିପରି ବିଭିନ୍ନ ପ୍ରକାର ଫୁଲ, କୀଟପତଙ୍ଗ, ପଶୁ, ପକ୍ଷୀ, ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ଚିତ୍ର ଥିବା ତଥା ବିଭିନ୍ନ କାର୍ଟୁନ କ୍ୟାରେକ୍ଟରକୁ ନେଇ ପ୍ରସ୍ତୁତ ଅନେକ ଗୁଡ଼ିକୁ ମଧ୍ୟ ଏହି ସଂଗ୍ରହାଳୟରେ ସ୍ଥାନ ଦିଆଯାଇଛି। ତେବେ ପର୍ଯ୍ୟଟକ ଏଠାରେ ବିଭିନ୍ନ ପ୍ରକାରର ତିଆରି ଗୁଡ଼ିକୁ ଦେଖିବା ସମେତ ଗୁଡ଼ିର ଅନେକ ଚିତ୍ରକୁ ବି ବୁଲି ଦେଖିପାରିବେ। ତା'ସହିତ ଗୁଡ଼ି ତିଆରିର ଇତିହାସ ସମ୍ପର୍କରେ ମଧ୍ୟ ବହୁ ତଥ୍ୟ ଏଠାରେ ଜାଣିପାରିବେ।

**ସଂଗ୍ରହାଳୟର ଇତିହାସ**

ସୂଚନାନୁଯାୟୀ, ୧୯୫୪ ମସିହାରେ ସଂସ୍କାର କେନ୍ଦ୍ର ନାମରେ ଏକ ସଂଗ୍ରହାଳୟ ଏଠାରେ ପ୍ରତିଷ୍ଠା ହୋଇଥିଲା, ଯେଉଁଠାରେ ମୁଖ୍ୟତଃ ଅହମ୍ମଦାବାଦ୍‌ର ଇତିହାସ, କଳା, ସଂସ୍କୃତି ତଥା ବାସ୍ତୁକଳା ସମ୍ପର୍କରେ ଅନେକ ତଥ୍ୟ ଜାଣି ହେଉଥିଲା। ପ୍ରସିଦ୍ଧ ବାସ୍ତୁକାର ତଥା ଚିତ୍ରକାର ଲେ କୋର୍ବୁଜିଏ ଏହି ସଂଗ୍ରହାଳୟର ଡିଜାଇନ୍ କରିଥିଲେ ହେଁ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଅହମ୍ମଦାବାଦ୍ ମ୍ୟୁନିସିପାଲ୍ କର୍ପୋରେଶନ୍ ଉପରେ ରହିଥିଲା। ପରବର୍ତ୍ତୀ ସମୟରେ ଏହି ସଂଗ୍ରହାଳୟ ଭିତରେ ଆଉ ଗୋଟିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଥିଲା, ଯେଉଁଥିରେ କେବଳ ବିଭିନ୍ନ ପ୍ରକାରର ଗୁଡ଼ିକୁ ସ୍ଥାନ ଦେବାର ଯୋଜନା ରହିଲା। ଏହା ସେତେବେଳେ ସମ୍ଭବ ହେଲା, ଯେତେବେଳେ ଭାନୁଭାଇ ଶାହ ନାମକ ଜଣେ ବ୍ୟକ୍ତି ତାଙ୍କ ପାଖରେ ସାଇତି ରଖିଥିବା ବିଭିନ୍ନ ଗୁଡ଼ିକୁ ଆଣି ଏହି ସଂଗ୍ରହାଳୟକୁ ଦାନ କରିଥିଲେ। ଗୁଡ଼ି ସଂଗ୍ରହ କରିବାର ନିଶା ତାଙ୍କୁ ଏମିତି ଘାରିଥିଲା ଯେ, ସେ ବିଭିନ୍ନ ସ୍ଥାନ ବୁଲି ଭିନ୍ନ ଭିନ୍ନ ରଙ୍ଗ ତଥା ସାଇଜ୍‌ର ଗୁଡ଼ି ସଂଗ୍ରହ କରୁଥିଲେ ଆଉ ତାକୁ ସାଇତି ରଖୁଥିଲେ। ଯେତେବେଳେ ସେ ଏହି ସଂଗ୍ରହାଳୟ ବିଷୟରେ ଅବଗତ ହେଲେ ସେତେବେଳେ ସିଏ ତାଙ୍କର ସମସ୍ତ ଗୁଡ଼ିକୁ ଆଣି ଏଠାରେ ଦେଇ ଯାଇଥିଲେ। କାରଣ ସେ ଭଲ ଭାବେ ଜାଣିଥିଲେ ଯେ, ତାଙ୍କ ପାଖେ ଥିବା ସମସ୍ତ ଗୁଡ଼ି ଏହି ସଂଗ୍ରହାଳୟରେ ହିଁ ବହୁଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ। ବାସ୍ ସେବେଠାରୁ ଗୁଡ଼ି ସଂଗ୍ରହାଳୟଟି ସଂସ୍କାର କେନ୍ଦ୍ରର ଏକ ସ୍ୱତନ୍ତ୍ର ବିଭାଗ ଭାବେ ପରିଚାଳିତ ହୋଇଚାଲିଛି ଏବଂ ଧୀରେ ଧୀରେ ଏଥିରେ ଆହୁରି ଅନେକ ଗୁଡ଼ି ବି ସାମିଲ ହୋଇଛି। ଆଉ ଏହାର ଦାୟିତ୍ୱ ମଧ୍ୟ ଅହମ୍ମଦାବାଦ୍ ମ୍ୟୁନିସିପାଲ୍ କର୍ପୋରେଶନ୍ ବୁଝୁଛି।

**କେବେ ଯିବେ**

ଏହି ଗୁଡ଼ି ସଂଗ୍ରହାଳୟଟି ପ୍ରତି ସୋମବାର ତଥା ସମସ୍ତ ସରକାରୀ ଛୁଟିଦିନରେ ବନ୍ଦ ରହିଥାଏ। ବାକି ଅନ୍ୟ ଦିନମାନଙ୍କରେ ଏହା ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ପୁନର୍ବାର ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରୁହେ।

**ଜାଣିବା କଥା**

ଏହି ଗୁଡ଼ି ସଂଗ୍ରହାଳୟକୁ ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ କୌଣସି ଫିସ୍ ଦେବାକୁ ପଡେନାହିଁ। କିନ୍ତୁ ଫଟୋ ଉଠାଇବା ପାଇଁ ଏଠାରେ କାହାକୁ ବି ଅନୁମତି ନ ଥାଏ।












# ବଡ଼ ଚିଲ

ଚିଲ ଏକ ଶିକାରୀ ପକ୍ଷୀ । ତୀକ୍ଷ୍ଣ ନଜର, ଶକ୍ତ ପଞ୍ଝା । ଏହି ଶିକାରୀ ପକ୍ଷୀର ଆଉ ଏକ ପ୍ରଜାତି ବି ଅଛି । ଯାହା 'ହାର୍ପି ଇଗଲ୍' ନାମରେ ପରିଚିତ । ଏହି ଚିଲଟି ଆକାରରେ ବହୁତ ବଡ । ଆଉ ଏକ ଖାସ୍‌କଥା ହେଉଛି, ଚିଲଟିର ଚାହାଣି ମଣିଷ ଭଳି ଲାଗେ । ଦୁଇ ଡେଣାକୁ ପ୍ରସାରିତ କରିଦେଲେ ତାହା ୭.୫ ଫୁଟ୍ ହୋଇଯାଏ । ପୁରୁଷ ଚିଲ ମାଈ ଚିଲଠାରୁ ଦୁଇଗୁଣା ବଡ ହୋଇଥାଏ । ହାର୍ପି ଇଗଲ୍‌ର ନଖ ୩-୪ ଇଞ୍ଚ ଲମ୍ବା ହୋଇଥାଏ । ମଧ୍ୟ ଓ ଦକ୍ଷିଣ ଆମେରିକାରେ ଏହି ଇଗଲ୍ ଦେଖିବାକୁ ମିଳନ୍ତି । ଶିକାର କରିବାବେଳେ ଏହା ଘଣ୍ଟାକୁ ୫୦ ମାଇଲ୍ ବେଗରେ ଉଡି ଶିକାରକୁ ପଞ୍ଝାରେ ଧରିପାରେ । ଏହି ଚିଲର ପଞ୍ଝା ଏତେ ଶକ୍ତ ଯେ, ସେ ଏଥିରେ ମାଙ୍କଡ, ଏମିତିକି ମଣିଷ ପିଲା ବି ଟେକି ନେଇପାରେ ।




## କାର୍ଟୁନ କର୍ନର






ରୋଲିଙ୍ଗ ବ୍ରିଜ



ଦା ଭିନ୍ସି ବ୍ରିଜ୍

ବ୍ରିଜ୍ ବା ସେତୁ ହେଉଛି ନଦୀର ଗୋଟିଏ ପଟରୁ ଅନ୍ୟପଟକୁ ଯିବାକୁ ଏକ ମାଧ୍ୟମ । କିନ୍ତୁ ଏଠାରେ ଯେଉଁ ବ୍ରିଜ୍ କଥା କୁହାଯାଉଛି ସେଗୁଡିକର ନିର୍ମାଣ ଢଙ୍ଗ ବହୁତ ଭିନ୍ନ ଓ ଦେଖିବାକୁ ବହୁତ ଆଶ୍ଚର୍ଯ୍ୟଜନକ । ବିଶ୍ୱର ବିଭିନ୍ନ ସ୍ଥାନରେ ଏପରି କିଛି ଅଜବ ବ୍ରିଜ୍ ରହିଛି , ଯାହା ଅନ୍ୟ ବ୍ରିଜ୍‌ଠାରୁ ଭିନ୍ନ ...

# ଅଜବ ବ୍ରିଜ୍



ଲାଙ୍ଗକାୱି ସ୍କାଏ ବ୍ରିଜ୍



ପୋଣ୍ଟ ଗୁସ୍ତଭ୍ ଫ୍ଲଉବର୍ଟ



ଜୁସେଲିନୋ କୁବିଶ୍ଚେକ୍ ବ୍ରିଜ୍

**ରୋଲିଙ୍ଗ ବ୍ରିଜ୍:** ଲଣ୍ଡନ୍‌ର ଗ୍ରାଣ୍ଡ ୟୁନିୟନ କେନାଲରେ ଚଲା ବାଟ ପାଇଁ ଏକ ବ୍ରିଜ୍ ରହିଛି। ଏହାକୁ ରୋଲିଙ୍ଗ ବ୍ରିଜ୍ ବୋଲି କୁହାଯାଏ । ୨୦୦୪ ମସିହାରେ ୩୯ଟି କାଠଗଣ୍ଡି ଓ ଷ୍ଟିଲ୍‌ରେ ହେଥରଓ୍ୱିକ୍ ଷ୍ଟୁଡିଓ ତରଫରୁ ଏହି ପୋଲ ତିଆରି କରାଯାଇଥିଲା। ଆଶ୍ଚର୍ଯ୍ୟର କଥା ଯେ, ଏହି ବ୍ରିଜ୍‌ଟି ସମ୍ପୂର୍ଣ୍ଣ ଭାବରେ ଗୋଲ ଆକାରରେ ଉଠିଆସିପାରେ। କେନାଲ ବାଟେ ଡଙ୍ଗା ବା ଜାହାଜ ଯିବା ଆସିବାରେ ବ୍ରିଜ୍ ବାଧା ସୃଷ୍ଟି ନ କରିବା ପାଇଁ ଏହା ଏପରି ଭାବେ ତିଆରି କରାଯାଇଛି ; ଯାହାଦ୍ୱାରା ଏହି ବ୍ରିଜ୍‌ଟି ଅଷ୍ଟଭୁଜ ଆକାରରେ ରୋଲ୍ ଅପ୍ ହୋଇଯାଇଥାଏ।

**ହେଣ୍ଡରସନ୍ ୱେଭସ୍ :** ଏହି ବ୍ରିଜ୍ ଦେଖିବାକୁ ତରଙ୍ଗ ପରି । ଏହା ସିଙ୍ଗାପୁରର ଉଚ୍ଚତମ ବ୍ରିଜ୍ ମଧ୍ୟରୁ ଅନ୍ୟତମ। ୧୧୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ବ୍ରିଜ୍ ମାଉଣ୍ଟ ଫାବର ପାର୍କଠାରୁ ତେଲକ୍ ବ୍ରାଙ୍ଗସ୍ ହିଲ ପାର୍କ ପର୍ଯ୍ୟନ୍ତ ଲମ୍ୱିଛି। ଏହି ବ୍ରିଜ୍ ଅତି ଆକର୍ଷଣୀୟ ଭଙ୍ଗୀରେ ତିଆରି ଏବଂ ଏହାକୁ ଧରି ରଖିବା ପାଇଁ ବହୁତ ଓଜନର ତାର ଓ ମୋଟା ରଡ୍ ବ୍ୟବହାର କରାଯାଇଛି। ଏହାର ବାହାର ଅଂଶଟି ତରଙ୍ଗ ପରି ଦେଖାଯାଏ କିନ୍ତୁ ଭିତରେ ଶିଡି ରହିଛି ; ଯାହାଦ୍ୱାରା ପର୍ଯ୍ୟଟକଙ୍କୁ ଯିବା ଆସିବାରେ ସୁବିଧା ହେବା ସହିତ ବ୍ରିଜ୍ ଉପରୁ ହିଁ ସିଙ୍ଗାପୁର ସହରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ଏହି ବ୍ରିଜ୍ ପ୍ରାୟ ୯୦୦ ଫୁଟ ଲମ୍ୱ ବିଶିଷ୍ଟ। ଏହାର ଭିତର ପଟେ ଏଲଇଡି ଲାଇଟ୍ ଲାଗିଛି ; ଯାହା ଜଳିଲେ ରାତିରେ ଦୂରରୁ ଦୁଇ ଆନ୍ତର୍ଜାତିକ ପାର୍କ ଭିତରେ ଏକ ବଡ ସାପ ଆକୃତି ଭଳି ଦେଖାଯାଏ ।


**ସନ୍‌ଡାଏଲ ବ୍ରିଜ୍ :** ଏହି ବ୍ରିଜ୍‌ଟି ଆଶ୍ଚର୍ଯ୍ୟମୟ ଭାବେ ଗୋଟିଏ କାଣ୍ଟ ପରି ଉଚ୍ଚ ଟାୱାରରୁ କାଣ୍ଟିଲିଭର୍ ସ୍ପାର କେବୁଲ ତାର ଦ୍ୱାରା ଝୁଲି ରହିଛି । ଏହାର ନିର୍ମାଣ ୨୦୦୪ ମସିହାରେ ଶେଷ ହୋଇଥିଲା । ସାଣ୍ଟିଏଗୋ କାଲାଟ୍ରାଭା ନାମକ ଖ୍ୟାତନାମା ସ୍ପେନିସ୍ ଆର୍କିଟେକ୍ଟରଙ୍କ ଦ୍ୱାରା ଏହି ଝୁଲା ପୋଲ ବା ବ୍ରିଜ୍ ନିର୍ମାଣ ହୋଇଛି । ଏହି ବ୍ରିଜ୍‌ଟି ଟ୍ରଟେଲ ବେଏ ଏକ୍ସପ୍ଲୋରେଶନ୍ ପାର୍କ ନିକଟରେ ଥିବା ସାକ୍ରାମେଣ୍ଟୋ ନଦୀ ଉପରେ ରହିଛି। ଏହା ୨୧୭ ଫୁଟ ଲମ୍ୱ ଟାୱାର ସାହାରାରେ ଝୁଲି ରହିଛି । ଦୂରରୁ ଏହା ସୂର୍ଯ୍ୟ ଘଡି ପରି ପରିଲକ୍ଷିତ ହୋଇଥାଏ । ବ୍ରିଜ୍‌ଟି ନନ୍‌ସ୍କିଡ୍ ଗ୍ଲାସ୍ ପ୍ୟାନେଲରେ ପ୍ରସ୍ତୁତ ; ଯାହାଦ୍ୱାରା ଏହି ବ୍ରିଜ୍ ଉପରେ ଚାଲିକରି ଯାଉଥିବା ବ୍ୟକ୍ତିମାନେ ନଦୀର ସୌନ୍ଦର୍ଯ୍ୟ ଦେଖିପାରିବେ ।

**ଜୁସେଲିନୋ କୁବିଶ୍ଚେକ୍ ବ୍ରିଜ୍ :** ବ୍ରାଜିଲର ପାରାନୋଆ ହ୍ରଦ ଉପରେ ରହିଛି ଏହି ସେତୁ । ଏହା ୨୦୦୨ ମସିହାରେ ନିର୍ମିତ ହୋଇଥିଲା ; ଯାହା ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୁସେଲିନୋ କୁବିଶ୍ଚେକ୍‌ଙ୍କ ନାମରେ ନାମିତ, ଯେକି ୧୯୫୦ ମସିହାରେ ବ୍ରାସିଲିଆରେ ବ୍ରାଜିଲ୍‌ର ରାଜଧାନୀ ସ୍ଥାପନ କରିଥିଲେ । ଏହି ବ୍ରିଜ୍ ପ୍ରାୟ ୩୯୦୦ ଫୁଟ୍ ଲମ୍ୱ ବିଶିଷ୍ଟ, ଯାହାକୁ ଧରି ରଖିଛି ତିନୋଟି ବିଶାଳ ଇସ୍ପାତ ତୋରଣ, ଯାହା ବ୍ରିଜ୍‌ର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଡେଇଁ ଡେଇଁ ଗଲା ପରି ଦେଖାଯାଏ। ଏହି ସେତୁର ନିର୍ମାତା ଆଲେକ୍‌ଜାଣ୍ଡି ଚାନ୍ କୁହନ୍ତି ଯେ, ସେ ବ୍ରାଜିଲିଆର ମନୋରମ ସୂର୍ଯ୍ୟାସ୍ତକୁ ଉପଭୋଗ କରିବା ପାଇଁ ଏହି ବ୍ରିଜ୍‌କୁ ସରଳରେଖା ପରିବର୍ତ୍ତେ ଅର୍ଦ୍ଧଚନ୍ଦ୍ରାକାର ତୋରଣ ଆକାରର ନିର୍ମାଣ କରିଥିଲେ ।

**ପୋଣ୍ଟ ଗୁସ୍ତଭ୍ ଫ୍ଲଉବର୍ଟ :** ଫ୍ରାନ୍ସର ପ୍ରମୁଖ ବାଣିଜ୍ୟିକ ଜଳପଥ ସିନ୍ ନଦୀ ଉପରେ ରହିଛି। ଏହା ଭୂଲମ୍ୱ ଆକୃତି ବା ଭର୍ଟିକାଲ୍ ଲିଫ୍ଟ ବ୍ରିଜ୍ । ୨୮୨ ଫୁଟ ଉଚ୍ଚତା ବିଶିଷ୍ଟ ଲୌହ ସ୍ତମ୍ଭରେ ନିର୍ମିତ ଏହି ବ୍ରିଜ୍ ହେଉଛି ସମଗ୍ର ୟୁରୋପର ଉଚ୍ଚତମ ଲିଫ୍ଟ ବ୍ରିଜ୍ । ଏହାର ଡେକ୍ ପ୍ରଜାପତି ଆକୃତିର ଉତ୍ତୋଳନ ବ୍ୟବସ୍ଥା ଦ୍ୱାରା ଉପରକୁ ଉଠିଥାଏ। ଯାହାଦ୍ୱାରା ଜାହାଜ ଏହା ତଳ ଦେଇ ସହଜରେ ଯାତାୟାତ କରିପାରେ । ଏହି ବ୍ରିଜ୍ ସମ୍ପୂର୍ଣ୍ଣ ଉପରକୁ ଉଠିବା ପାଇଁ ୧୨ ମିନିଟ୍ ସମୟ ଲାଗେ ଏବଂ ଦିନକୁ ପ୍ରାୟ ୩୦ରୁ ୪୦ ଥର ଏହା ଉପରକୁ ଉଠିଥାଏ ।

**ଲାଙ୍ଗ୍‌କାୱି ସ୍କାଏ ବ୍ରିଜ୍ :** ଏହି ବକ୍ରାକୃତି ପଦଚାରଣ ସେତୁ ସମୁଦ୍ର ପତନଠାରୁ ୨୦୦୦ ଫୁଟ୍ ଉଚ୍ଚରେ ନିର୍ମିତ। ଏହା ମାଲେସିଆର ମାଟ୍ ସିକାଙ୍ଗ ପର୍ବତ ମଧ୍ୟରେ ରହିଛି । ଏହି ବ୍ରିଜ୍ ଉପରେ ଚାଲିବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଥିପାଇଁ କେବୁଲ୍ କାର୍ ଯୋଗେ ଉପରକୁ ଆସିବାକୁ ପଡିଥାଏ । ଲାଙ୍ଗକାୱି ସେତୁ ବିଶ୍ୱର ସର୍ବୋଚ୍ଚ ଝୁଲନ୍ତା ସେତୁ ମଧ୍ୟରୁ ଅନ୍ୟତମ । ଏହାର ଡେକ୍‌ର ଓସାର ୯ଫୁଟ୍‌ରୁ ସାମାନ୍ୟ କମ୍ ଏବଂ ଏହା ବକ୍ରାକାର ଗତିପଥ ୯୯ଟି ଦ୍ୱୀପ ବିଶିଷ୍ଟ ଦ୍ୱୀପପୁଞ୍ଜର ସୁଦୀର୍ଘ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ । ଏହାର ପ୍ରତି ବକ୍ର-ଶୀର୍ଷରେ ତ୍ରିଭୁଜାକାର ପର୍ଯ୍ୟବେକ୍ଷଣ ସ୍ଥଳୀ ରହିଛି ।

**ଦା ଭିନ୍‌ସି ବ୍ରିଜ୍ :** ୧୫୦୨ ଖ୍ରୀଷ୍ଟାବ୍ଦରେ କନ୍‌ଷ୍ଟାଣ୍ଟିନୋପଲ୍‌ର ସୁଲତାନ୍ ବଜାଜେତ୍ ଦ୍ୱିତୀୟଙ୍କ ପାଇଁ ଏହି ସେତୁର କଳ୍ପନା କରିଥିଲେ ପ୍ରଖ୍ୟାତ ଚିତ୍ରକର ଲିଓନାର୍ଡୋ ଦା ଭିନ୍‌ସି। କିନ୍ତୁ ଏହି ଯୋଜନା ଜୀବନ୍ତ ରୂପ ନେଲା ୫୦୦ ବର୍ଷ ପରେ ଯେତେବେଳେ ନରୱେର ସ୍ଥପତି ଭିବିଓରନ ସାଣ୍ଡ୍ ଏହାର ନିର୍ମାଣ କଲେ । ଏହି ପଦଚାରୀ ସେତୁ ୨୦୦୧ରେ ଉଦ୍‌ଘାଟିତ ହୋଇଥିଲା। ବହୁବର୍ଷ ପର୍ଯ୍ୟନ୍ତ ଧାରଣା ଥିଲା ଯେ ଦା ଭିନ୍‌ସିଙ୍କ ଏହି କଳ୍ପନାର ସେତୁ ବାସ୍ତବ ରୂପ ଦେବା ଅସମ୍ଭବ । ଏହାର ଧନୁ ଆକୃତି ସ୍ତମ୍ଭମାନ ଉପରକୁ ସରୁ ଏବଂ ତଳ ଆଡକୁ କ୍ରମଶଃ ମୋଟା । ଦା ଭିନ୍‌ସିଙ୍କ ପ୍ରାଥମିକ ଯୋଜନାରେ ଏହାର ଲମ୍ୱ ଥିଲା ୭୫୦ ଫୁଟ୍ କିନ୍ତୁ ସାଣ୍ଡ୍ ଏବଂ ତାଙ୍କ ସହକର୍ମୀ ଗଣ ନର୍‌ୱେର ପାଇନ୍ କାଠରେ ୩୦୦ଫୁଟ୍ ଲମ୍ୱର ଏହି ବ୍ରିଜ୍ ନିର୍ମାଣ କରିଥିଲେ ।



ସନ୍‌ଡାଏଲ ବ୍ରିଜ୍



ହେଣ୍ଡରସନ୍ ୱେଭସ୍

# ଯୁବା ଓ ସୁନ୍ଦର ରହୁଥିବା ଜନଜାତି

ସବୁବେଳେ ସୁନ୍ଦର ଓ ଯୁବା ରହିବାକୁ କିଏ ବା ନ ଚାହେଁ? ହେଲେ ଏହା କ'ଣ ସମ୍ଭବ। ପାକିସ୍ତାନ ଅଧିକୃତ କଶ୍ମୀରରେ ଗିଲଗିତ-ବାଲ୍ଟିସ୍ତାନର ପାହାଡରେ ଅଛି ହୁଞ୍ଜା ଘାଟି। ଏହି ଘାଟିରେ ରୁହନ୍ତି ହୁଞ୍ଜା ନାମକ ଏକ ଜନଜାତି। ଏହି ଜନଜାତିର ବିଶେଷତ୍ୱ ହେଉଛି ଯେ, ଏମାନେ ସବୁବେଳେ ସୁନ୍ଦର ଓ ଯୁବା ଯୁବା ଦେଖା ଯାଆନ୍ତି। ୬୫ ବର୍ଷ ବୟସ ପର୍ଯ୍ୟନ୍ତ ତ ଏମାନଙ୍କଠାରେ ବୟସର ଛାପ ଦେଖିବାକୁ ମିଳେନା। ଆଉ ପ୍ରାୟ ୧୧୦-୧୨୦ ବର୍ଷ ପର୍ଯ୍ୟନ୍ତ ଏମାନେ ଜୀବନଧାରଣ କରନ୍ତି। ଏଠାକାର ଯୁବଗୋଷ୍ଠୀଙ୍କୁ ନଖଲିସ୍ତାନ କୁହାଯାଏ। ୬୫ ବର୍ଷ ବୟସରେ ତ ସେମାନେ ସନ୍ତାନ ଜନ୍ମ ବି କରନ୍ତି। ଏହି ଜନଜାତିର ଜନସଂଖ୍ୟା ପ୍ରାୟ ୮୭ ହଜାର। ଏମାନଙ୍କର ଜୀବନଶୈଳୀ ବହୁ ବର୍ଷ ପୁରୁଣା। ଶୂନଠାରୁ କମ୍ ତାପମାତ୍ରାର ବରଫ ଭଳି ଥଣ୍ଡା ପାଣିରେ ସେମାନେ ଗାଧାନ୍ତି। ଏମାନେ କେବଳ ସେହି ଖାଦ୍ୟ ଖାଆନ୍ତି, ଯାହା ସେମାନେ ଉତ୍ପାଦନ କରନ୍ତି। ବାଜରା, ଯଅ, ପନିପରିବା, ଆପ୍ରିକଟ୍ ଆଦି ଖାଆନ୍ତି। ଏମାନେ ଦେଖିବାକୁ ଗୋରା, ଡେଙ୍ଗା, ଯୁବା ଯୁବା, ହସମୁଖ। ଏମାନେ କମ୍ ଖାଆନ୍ତି ଓ ବେଶି ଚାଲନ୍ତି। ପ୍ରତିଦିନ ୧୫-୨୦ କି.ମି. ଚାଲିବା ଏମାନଙ୍କ ଜୀବନଶୈଳୀରେ ସାମିଲ। ଆଉ ହସିବା ବି ଜୀବନର ମୁଖ୍ୟ ଅଂଶ ଅଟେ। ତେଣୁ ଏଠାକାର ଅନେକ ଲୋକ ୧୬୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି। ସବୁଠୁ ବଡ କଥା ହେଲା ଏମାନେ ରୋଗରେ ପଡନ୍ତି ନାହିଁ।









ବ୍ୟାକ୍ ପେଜ୍

# ଆପାର୍ଟମେଣ୍ଟ ଭିତରେ ଚାଲୁଛି ଟ୍ରେନ୍



ଦକ୍ଷିଣ-ପୂର୍ବ ଚାଇନାର ମାଉଣ୍ଟେନ୍ ସିଟି ଚାଁକ୍ୱିଙ୍ଗ୍‌ରେ ଜାଗା କମ୍ ଓ ଜନସଂଖ୍ୟା ଅଧିକ। ମୁମ୍ବାଇର ଜନସଂଖ୍ୟାଠାରୁ ୩ ଗୁଣ ଅଧିକ ସେଠାକାର ଜନସଂଖ୍ୟା। ସେଥିପାଇଁ ଏହି ସହରରେ ବହୁତଳ ପ୍ରାସାଦ ଓ ଆପାର୍ଟମେଣ୍ଟ ଭରି ରହିଛି। ତେବେ ଯେତେବେଳେ ଏଠାରେ ମୋନୋ ଟ୍ରେନ ଚଳାଇବା ପ୍ରସଙ୍ଗ ଆସିଲା ଓ ଏଥିପାଇଁ ରେଳ ଧାରଣା ତିଆରି ହେବାକୁ ଲାଗିଲା। ବାଟରେ ଏକ ବଡ ବିଲ୍ଡିଂ ପଡ଼ିଲା। କିନ୍ତୁ ସେହି ବିଲ୍ଡିଂକୁ ନ ଭାଙ୍ଗି ଇଞ୍ଜିନିୟରମାନେ ବିଲ୍ଡିଂ ମଧ୍ୟ ଦେଇ ରେଳ ଧାରଣା କରିଦେଲେ। ୧୯ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟର ୬ଷ୍ଠରୁ ୮ମ ମହଲାକୁ କାଟି ରେଳ ଧାରଣା କରାଯାଇଛି ଏବଂ ଏହା ମଧ୍ୟ ଦେଇ ରେଳ ଯାତାୟାତ କରୁଛି। ବିଲ୍ଡିଂରେ ରହୁଥିବା ଲୋକଙ୍କ ପାଇଁ ତା'ମଧ୍ୟରେ ରେଳ ଷ୍ଟେଶନ ବି କରାଯାଇଛି। ତେଣୁ ଏଠି ରହୁଥିବା ଲୋକେ ଅତି ସହଜରେ ଟ୍ରେନ୍‌ରେ ଯିବା ଆସିବା କରିପାରୁଛନ୍ତି। ଏମିତି କି ବେଡରୁମ୍ ଡୋର୍ ଖୋଲୁ ଖୋଲୁ ଟ୍ରେନ ଧରିପାରିବେ। ତେବେ ଟ୍ରେନ୍‌ର ଶବ୍ଦରେ ଯେମିତି ଲୋକେ ହଇରାଣ ନ ହୁଅନ୍ତୁ ସେଥିପାଇଁ ଉଚ୍ଚ ଟେକ୍ନୋଲୋଜି ବ୍ୟବହାର କରି ଶବ୍ଦକୁ କମାଯାଇଛି। ଯଦିଓ କିଛିଟା କମ୍ପନର ଅନୁଭବ ହୋଇଥାଏ।

# ସବୁଠୁ ବଡ଼ ବାଇସାଇକେଲ୍

ସୁସ୍ଥ ରହିବା ପାଇଁ ଆଜିକାଲି ଅନେକେ ସାଇକେଲିଂ କରିବାକୁ ପସନ୍ଦ କରୁଛନ୍ତି। ତେଣୁ ସାଇକେଲ୍‌ର ଚାହିଦା ବଢିବାକୁ ଲାଗିଛି। ଆଉ ଗ୍ରାହକଙ୍କ ଚାହିଦା ମୁତାବକ ହାଲ୍‌କା ସାଇକେଲ ତିଆରି କରାଯାଉଛି। କିନ୍ତୁ ଆମେ ଏଠାରେ ଯେଉଁ ସାଇକେଲ କଥା କହୁଛୁ ତାହା ହେଉଛି ପୃଥିବୀର ସବୁଠାରୁ ଓଜନିଆ ଓ ବଡ଼ ସାଇକେଲ। ଏହା ଏତେ ବଡ ଯେ, ଟ୍ରକ୍‌ରେ ନେବାକୁ ହୁଏ। ଏହାର ଚକର ବ୍ୟାସ ୫ ଫୁଟ୍ ହୋଇଥିବାବେଳେ ଓଜନ ୯୪୦ କି.ଗ୍ରା.। ଏହାକୁ ତିଆରି କରିଛନ୍ତି ଜର୍ମାନୀର ଫ୍ରାଙ୍କ ଡୋଜ୍। ସେ ଏହାକୁ ସ୍କ୍ରାପ୍ ମେଟାଲ୍ ବ୍ୟବହାର କରି ତିଆରି କରିଛନ୍ତି। ଚକ ଦୁଇଟିକୁ ସେ ଚାଷ ପାଇଁ ବ୍ୟବହାର କରାଯାଉଥିବା ମକ୍ ସ୍ପ୍ରେଡର୍‌ରୁ ଆଣିଛନ୍ତି। ତେବେ ଏତେ ବିରାଟକାୟ ଓ ଓଜନଦାର ହୋଇଥିଲେ ହେଁ ଏହାକୁ ଚଳାଇ ହୁଏ।

